# ବିନା ଅର୍ଥ ଓ ବିନା ମୂଲ୍ୟରେ

ଆଜି ସକାଳେ, ଆରାଧନାଳୟକୁ ଆସି ପାରିବା ନିଶ୍ଚିତ ଭାବରେ ଏକ ସୌଭାଗ୍ୟର ବିଷୟ ଅଟେ । ମୁଁ କେବଳ ଆଶ୍ଚର୍ଯ୍ୟ କରୁଅଛି…ଭାଇ ନେଭିଲ୍ କହିଲେ ଯେ ଅନେକେ ପଛରେ ଶୁଣିପାରୁ ନାହାଁନ୍ତି । କଅଣ ଆପଣମାନେ ମୋତେ ବର୍ତ୍ତମାନ ପଛରେ, ଉତ୍ତମ ଭାବରେ ଶୁଣି ପାରୁଛନ୍ତି କି? କଅଣ ସବୁ ଠିକ ଅଛି କି? ଠିକ୍ ଅଛି । ମୁଁ—ମୁଁ ଛୋଟ ଆକାରବିଶିଷ୍ଟ ଅଟେ, ତେଣୁକରି ମୋତେ ବହୁତ ଅଧିକ ଶବ୍ଦ କରିବାକୁ ପଡ଼େ ଯେପରିକି ଲୋକମାନେ ଜାଣିବେ ଯେ ମୁଁ ଆଖପାଖରେ ଅଛି ।

2 ତେଣୁକରି, ମୋର ମନେ ଅଛି ଯେତେବେଳେ ମୁଁ ଲୋକ ସେବା ଆୟୋଗରେ କାମ କରୁଥିଲି । ମୁଁ ସୀଢ଼ୀ ଉପରକୁ ଚଢିବାବେଳେ…ଏବଂ ମୁଁ କଣ୍ଟା ଲାଗିଥିବା, ବଡ଼ ବଡ଼ ଜୋତା ପିନ୍ଧୁଥିଲି, ଉଚ୍ଚ ବିଦ୍ୟୁତ ଖୁଣ୍ଟଗୁଡିକୁ ଚଢିବାରେ ବ୍ୟବହାର କରୁଥିଲି । ଏବଂ ମୁଁ ସୀଢ଼ୀ ଦେଇ ଉପରକୁ ଆସୁଥିଲି । ଏବଂ ଶ୍ରୀମତୀ ଏହଲ୍ଟ, ଯିଏକି ମୋର ଜଣେ ବନ୍ଧୁ ଅଟନ୍ତି, ସ୍ୱୀଚବୋର୍ଡରେ ଥିଲେ । ମୁଁ ନିଶ୍ଚିତ ଯେ ଶ୍ରୀ ଗିଷ୍ଟର୍ ସେଠାରେ ତାଙ୍କୁ, ଅତି ଭଲ ଭାବରେ ଚିହ୍ନିଥିବେ । ତେଣୁ ଏଡିଥ କହିଲେ, "ବିଲି, ତୁମେ ସବୁଠାରୁ ଅଧିକ ଶବ୍ଦ କରିଥାଅ, ଏତେ ଛୋଟ ବ୍ୟକ୍ତି ହୋଇ, ଯାହା ମୁଁ କେବେ ଦେଖିଅଛି ।" ସେହି ସୀଢ଼ୀ ଦେଇ ଉପରକୁ ଆସିବାବେଳେ, ଏହି ବଡ଼ କଣ୍ଟା ଲାଗିଥିବା ଜୋତାଗୁଡିକୁ ମାଡୁଥିଲି ।

3 ମୁଁ କହିଲି, "ତେବେ, ଏଡିଥ୍, ମୁଁ ଏତେ ଛୋଟ ଆକାର ବିଶିଷ୍ଟ ଅଟେ, ମୋତେ ସମସ୍ତଙ୍କୁ ଏହା ଜଣାଇବାକୁ ପଡିଥାଏ ଯେ ମୁଁ ଆଖପାଖରେ ଅଛି, ତେଣୁ ବହୁତ ଶବ୍ଦ କରିବାକୁ ପଡ଼େ ।"

4 ତେବେ, ମୁଁ ଫୋନ ଯୋଗେ ପ୍ରାର୍ଥନା କରିବା ପାଇଁ ଭିତରକୁ ଗଲି । ଭାଇ ନେଭିଲ୍ ମୋତେ କହିଥିଲେ ଯେ ଆମର ଉତ୍ତମ ବନ୍ଧୁ, ଭାଇ ରୟ ରୋବର୍ସନ, ଅସୁସ୍ଥ ଥିବା ହେତୁ, ଆଜି ସକାଳେ ସେବାଠାରୁ ଦୂରରେ ରହିବେ । ତାଙ୍କର…ତାଙ୍କର ଦାନ୍ତ ନିକଟରେ ଆଉ ଏକ ଦାନ୍ତ ବାହାରିବାର ସମସ୍ୟା ରହିଥିଲା । ଏହା ଯୋଗୁ ଏକ ସଂକ୍ରମଣ ହୋଇଥିଲା, ଏବଂ ତାଙ୍କୁ କିଛି ଜ୍ୱର ହୋଇଥିଲା । ଏବଂ ମୁଁ ଭାବୁଛି, ତାଙ୍କୁ ତୁରନ୍ତ ହିଁ, ଏହାକୁ ଟଣା ଯିବାକୁ ଅଛି । ଏବଂ ରୟ ଏଠାରେ ଆମ ପ୍ରତି ଜଣେ ପିତାଙ୍କ ପରି ଅଟନ୍ତି, ଏବଂ ଆମେ ତାଙ୍କୁ ପ୍ରେମ କରୁ । ଏବଂ ମୁଁ କହିଲି, "ଭାଇ ରୟ, ମୁଁ—ମୁଁ ବର୍ତ୍ତମାନ, କିଛି ମିନିଟରେ, ସେବାକୁ ଯାଉଅଛି ।" ମୁଁ କହିଲି, "ମୁଁ ମଣ୍ଡଳୀକୁ ନିବେଦନ କରିବାକୁ ଯାଉଅଛି ଯେ ଆଜି ସକାଳେ, ଆମେ ସମସ୍ତେ ଆପଣଙ୍କ ପାଇଁ ପ୍ରାର୍ଥନା କରିବୁ," ଏବଂ ଆସନ୍ତାକାଲି ଯେତେବେଳେ ସେ ଏହାକୁ ଟଣାଯିବା ପାଇଁ ଯିବେ, ସେତେବେଳେ ଏହା ସବୁ ଉତ୍ତମ ଭାବେ ହେବ । ସେହି ଦାନ୍ତଟି ବଙ୍କା ହୋଇ ବଢିଛି, କିମ୍ବା ସେହିପରି କିଛି ଗୋଟାଏ, ଭୁଲ୍ ସ୍ଥାନରେ ବଢିଛି, ଏବଂ ସେମାନଙ୍କୁ ଏହାକୁ କାଟି, ବାହାର କରିବାକୁ ପଡିବ ।

5 ଭାଇ ରୟ, ଦ୍ୱିତୀୟ ବିଶ୍ୱଯୁଦ୍ଧର, ଜଣେ ଅଭିଜ୍ଞତା ପ୍ରାପ୍ତ ଲୋକ, ଯେପରିକି ଆପଣମାନେ ସମସ୍ତେ ଜାଣନ୍ତି, ଯାହାଙ୍କୁକି ଗୁଳି ବାଜି କେବଳ ଦରମରା ଅବସ୍ଥାରେ ଥିଲେ । ଏବଂ ଯଦି ଏହା ପରମେଶ୍ୱରଙ୍କ ମଙ୍ଗଳଦାନ ହୋଇ ନ ଥାଆନ୍ତା, ତେବେ ସେ ବଞ୍ଚି ସୁଦ୍ଧା ନ ଥାନ୍ତେ । ସେ ତ ଦୀର୍ଘ ସମୟ ଧରି, ମୃତମାନଙ୍କ ମଧ୍ୟରେ ପଡ଼ି ରହିଥିଲେ; ଏଠାରେ ବାହୁରେ ଗୁଳି ବାଜିଥିଲା, ଏବଂ ଗୋଡରେ ଗୁଳି ବାଜିଥିଲା, ଏବଂ ଉଭୟ ମୁଖ୍ୟ ସ୍ନାୟୁଗୁଡିକ ମୃତ ହୋଇ ଯାଇଥିଲା । ଏବଂ ଡାକ୍ତର କହିଲେ, "ଯଦି ସେ କେବେ ବଞ୍ଚନ୍ତି, ତାହହେଲେ ସେ ପାଦଟିଏ ସୁଦ୍ଧା କଦାପି ଚାଲିବେ ନାହିଁ ।" ପରମେଶ୍ୱରଙ୍କ ଅନୁଗ୍ରହରେ, ସେ ପ୍ରତିଦିନ କାମ କରନ୍ତି, ଆରୋହଣ କରନ୍ତି ଏବଂ ପ୍ରତ୍ୟେକ ବିଷୟ କରନ୍ତି । ପରମେଶ୍ୱର ତାଙ୍କ ପ୍ରତି ମଙ୍ଗଳକାରୀ ରହିଛନ୍ତି କାରଣ ସେ ଜଣେ ଭଲ ମଣିଷ ଅଟନ୍ତି, ଏବଂ ଆମେ ତାଙ୍କୁ ପ୍ରେମ କରୁ । ଏବଂ ଆମେ, ଆମେମାନେ— ଆମେମାନେ ସମସ୍ତେ ନୋହୁଁ…

6 ଯଦି ଆମେମାନେ ଠିକ୍ ଭାବରେ ଜୀବନ ଯାପନ କରୁଛୁ, ତାହାର ଅର୍ଥ ଏହା ନୁହେଁ ଯେ ଆମେମାନେ ଅସୁବିଧାରୁ ବଞ୍ଚିତ ଅଟୁ । ସତ କହିବାକୁ ଗଲେ, ଏହାର ଅର୍ଥ ହେଉଛି ଯେ ସମସ୍ତ ଅସୁବିଧାଗୁଡିକ ଆମ ଆଡକୁ ନିର୍ଦ୍ଦେଶିତ ଅଟେ । "କାରଣ ଧାର୍ମିକ ଲୋକର ଦୁଃଖ ଅନେକ, ମାତ୍ର ପରମେଶ୍ୱର ଏହି ସମସ୍ତରୁ ତାହାକୁ ଉଦ୍ଧାର କରନ୍ତି ।" ତାହାହିଁ ମହିମାମୟ ଅଂଶ ଅଟେ ।

7 ତେଣୁକରି ଆମେମାନେ ଆଜି ସକାଳେ ଭାଇ ରୟଙ୍କ ପାଇଁ, କେବଳ ବିଶେଷ ପ୍ରାର୍ଥନା କରିବାକୁ ଯାଉଅଛୁ । ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଏଠାରେ ଏପରି କେହି ଅଛନ୍ତି, ଯିଏକି ଏବେ ସୁଦ୍ଧା, ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ପ୍ରାର୍ଥନାର ଏକ ଶବ୍ଦରେ ମନେ ରଖାଯାଉ ବୋଲି ଚାହାଁନ୍ତି? ଯଦି ସେମାନେ କେବଳ ନିଜର ହାତକୁ ଉଠାଇବେ । ଠିକ୍ ଅଛି । ତାହା ଉତ୍ତମ ଅଟେ । ଆସନ୍ତୁ କେବଳ କିଛି କ୍ଷଣ ପାଇଁ ଛିଡା ହୋଇଯିବା, ଯଦି ଆପଣମାନେ ଚାହିଁବେ, ଯେତେବେଳେକି ଆମେମାନେ ପ୍ରାର୍ଥନା କରୁ ।

8 ପ୍ରଭୁ, ଆମେ ଆଜି, ବିଶ୍ରାମବାରର ଆରମ୍ଭରେ ଆସୁଅଛୁ । ଏବଂ ସୂର୍ଯ୍ୟ ସମଗ୍ର ଜଗତକୁ ପରିକ୍ରମା କରିବାର, ତାର ପଥକୁ ନେଉଅଛି, ଯେପରିକି ସେହି ଜିନିଷଗୁଡ଼ିକ ଉପରେ ଆଲୋକ ଏବଂ ଜୀବନକୁ ନେଇକରି ଆସେ ଯାହା କରିବା ପାଇଁ ସେ ପୂର୍ବରୁ ନିରୂପିତ ଅଟେ । ଏବଂ ସେବାର ଆରମ୍ଭରେ, ଯାହାକି ଆମେ ତୁମର ସେହି ମଣ୍ଡଳୀର ଏକ ଅଂଶ ଅଟୁ, ଯାହାକୁ ଶରୀର ନିମନ୍ତେ ଶାରୀରିକ ଆରୋଗ୍ୟତା ହେତୁ, ଆରୋଗ୍ୟତା ସେବା ଅନୁଷ୍ଠିତ କରିବା ପାଇଁ ଡକାଯାଇଅଛି, ଯେ ଆମର ଆଶୀଷିତ ପ୍ରଭୁଙ୍କର ଇଚ୍ଛା ଏବଂ ଆକାଂକ୍ଷାକୁ ପୂରଣ କରାଯାଏ ଯିଏକି ଆମର ଅପରାଧ ପାଇଁ ଆହତ ହୋଇଥିଲେ, ଏବଂ ତାହାଙ୍କର କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହୋଇଅଛୁ, ଏବଂ ଆମେମାନେ ସେବାର, ଆରମ୍ଭରେ ମାଗୁଅଛୁ, ଯେତେବେଳେକି ଏହା ଗୀତ ମାଧ୍ୟମରେ, ନିଜର ଡେଣାକୁ ବିସ୍ତାର କରିବାକୁ ଆରମ୍ଭ କରେ, ଏବଂ ଆମର ହୃଦୟଗୁଡିକ ଉଚ୍ଚୀକୃତ ହେବାକୁ ଆରମ୍ଭ କରେ, ଯେ ପ୍ରଭୁ, ଆଜି ସକାଳେ, ଆମେମାନେ, ଆମର ପ୍ରିୟ, ମୂଲ୍ୟବାନ ଭାଇ, ରୟ ରୋବର୍ସନ୍, ତୁମର ନମ୍ର ସେବକଙ୍କୁ ସ୍ମରଣ କରୁଅଛୁ । ଏବଂ ଆମେମାନେ ଜାଣୁ ଯେ ତୁମେ ତାଙ୍କର ଜୀବନକୁ ଯୁଦ୍ଧକ୍ଷେତ୍ରରେ ରକ୍ଷା

କରିଥିଲ, ଏବଂ ତୁମେ ତାଙ୍କ ପ୍ରତି ଉତ୍ତମ ରହିଅଛ । ଏବଂ ଆଜି ସେ ଦୁଃଖ ପୀଡା ଭୋଗୁଛନ୍ତି, ଯେ ସେ ମଣ୍ଡଳୀରେ ସୁଦ୍ଧା ଯୋଗ ଦେଇପାରିଲେ ନାହିଁ ।

9 ଏବଂ, ପ୍ରଭୁ, ଯେତେବେଳେ ସେମାନେ ଜନ୍ ମାର୍କଙ୍କ ଘରେ ପ୍ରାର୍ଥନା କରୁଥିଲେ, ସେହି ସମୟରେ ଜଣେ ସ୍ୱର୍ଗଦୂତ କାରାଗୃହକୁ ଓହ୍ଲାଇ ଆସିଥିଲେ, ଯେଉଁଠାରେକି ପିତର ବନ୍ଧନରେ ଥିଲେ, ସେଠାରେ ରହସ୍ୟମୟ ଭାବରେ, ଦ୍ୱାରଗୁଡିକ ଖୋଲିଗଲା, ଏବଂ ତାଙ୍କୁ ବାହାରକୁ କଢାଇ ନେଲା ।

10 ହେ ପ୍ରଭୁ, ତୁମେ ଆଜି ମଧ୍ୟ ସେହି ପରମେଶ୍ୱର ଅଟ । ଆଜି ସକାଳେ ସେହି ସ୍ୱର୍ଗଦୂତମାନେ ତୁମର ଆଦେଶ ଅପେକ୍ଷାରେ ଅଛନ୍ତି । ହେ ପ୍ରଭୁ, ଆମେମାନେ ପ୍ରାର୍ଥନା କରୁଛୁ, ଯେ ଯେତେବେଳେ ଆମେ ଏଠାରେ ପରମେଶ୍ୱରଙ୍କ ଘରେ ପ୍ରାର୍ଥନା କରୁଅଛୁ, ଯେ ସେହି ସ୍ୱର୍ଗଦୂତମାନେ ଭାଇ ରୋବର୍ସନଙ୍କ ଘରକୁ ଯିବେ । ତାଙ୍କର ଇଚ୍ଛା ଏଠାରେ ତାଙ୍କ ସ୍ଥାନରେ ରହିବା ଅଟେ, ମାତ୍ର ଦୁଃଖପୀଡା ତାଙ୍କୁ ଆକ୍ରାନ୍ତ କରିଅଛି । ଏବଂ ଏହା ହେଉ ଯେ ପରମେଶ୍ୱରଙ୍କ ସ୍ୱର୍ଗଦୂତମାନେ ତାଙ୍କୁ ଉଦ୍ଧାର କରନ୍ତୁ, ତାଙ୍କୁ ସୁସ୍ଥ କରନ୍ତୁ, ଯେଣୁ ସେ ପୁନର୍ବାର ପରମେଶ୍ୱରଙ୍କ ଘରେ ନିଜ ସ୍ଥାନକୁ ଗ୍ରହଣ କରିପାରନ୍ତି ।

11 ସେଠାରେ ଅନ୍ୟମାନେ ଅଛନ୍ତି ଯେଉଁମାନେକି କଷ୍ଟ ଦେଇ ଗତି କରିଛନ୍ତି, ସେମାନେ—ସେମାନେ ଅସୁସ୍ଥ ରହିଥିଲେ । ଏବଂ ଆମେ ଜଣେ ବୃଦ୍ଧ ମହିଳାଙ୍କୁ ଦେଖୁଅଛୁ, ଯେତେବେଳେକି ସେ ନିଜର ଆସନ ଗ୍ରହଣ କରିବାକୁ ଯାଉଥିଲେ, ତାଙ୍କର ହାତକୁ ଉଠାଇଥିଲେ, ଯେତେବେଳେକି ସେ ତାଙ୍କ ପାଦରେ ଛୋଟେଇ ଛୋଟେଇ ଚାଲୁଥିଲେ । ସେ ସୁସ୍ଥ ହେବା ପାଇଁ, ପରମେଶ୍ୱରଙ୍କ ଘରକୁ ଆସିଛନ୍ତି । ପ୍ରଭୁ, ଏହା ପ୍ରଦାନ କର, ଯେ ସେ ଜଣେ ଯୁବା ସ୍ତ୍ରୀଲୋକଙ୍କର, ଯୁବାବସ୍ଥା ଏବଂ ଯୌବନ ସହିତ ଚାଲିକରି ବାହାରିଯିବେ ।

12 ଅନ୍ୟମାନେ ସମସ୍ତେ ଯେଉଁମାନେକି ସେମାନଙ୍କର ହାତ ଉଠାଇଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଉଠିଥିଲା, କାରଣ ଏହା ଲେଖା ଅଛି, ଏବଂ ଏହା ପୂର୍ବରୁ ଉଦ୍ଧୃତ କରା ହୋଇଅଛି, "ଧାର୍ମିକମାନଙ୍କର ଦୁଃଖ ଅନେକ, ମାତ୍ର ପରମେଶ୍ୱର ସେସବୁରୁ ତାଙ୍କୁ ଉଦ୍ଧାର କରନ୍ତି ।" ଏହା ହେଉ ଯେ ଆଜି ଆମେ ବିଶ୍ୱାସ ମଧ୍ୟକୁ, ବିଶ୍ୱାସର ବାହୁ ମଧ୍ୟକୁ ଉଡିଯାଉ, ଯାହାକି ଆମକୁ ସମସ୍ତ ରୋଗ ଏବଂ କଷ୍ଟରୁ ଉଦ୍ଧାର କରିବ । ଯେତେବେଳେ ସେବା ସମାପ୍ତ ହୁଏ, ଏହା ହେଉ ଯେ ଆମ ମଧ୍ୟରେ କେହି ଜଣେ ହେଲେ ବି ଦୁର୍ବଳ ନ ଥାଆନ୍ତୁ ।

13 ପ୍ରଭୁ, ଏହା ପ୍ରଦାନ କର, ଯେ ପ୍ରତ୍ୟେକ ଅବିଶ୍ୱାସୀ ଜଣେ ବିଶ୍ୱାସୀ ହୋଇଯିବେ । ଏବଂ ଯେତେବେଳେ ଆମେମାନେ ତୁମର ବାକ୍ୟ ଉପରେ ଧ୍ୟାନ କରୁ, ଏହା ହେଉ ଯେ ପବିତ୍ରଆତ୍ମା ଏହାକୁ ନେଇ ଆମ ହୃଦୟ ଭିତରେ ରଖନ୍ତୁ, ଏବଂ ଏହାକୁ ଜଳ ସେଚିତ କରନ୍ତୁ ଯେପର୍ଯ୍ୟନ୍ତକି ତାହା ବାକ୍ୟର ଫଳ ନ ହୋଇଯାଏ । ପ୍ରଭୁ, ଆମ ପାଇଁ ଏହା କର, ଯେତେବେଳେକି ଆମେ ନମ୍ର ଭାବରେ ନିଜର ମସ୍ତକଗୁଡିକୁ ନତ କରୁଅଛୁ ଏବଂ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

ଆପଣମାନେ ବସିଯାଇ ପାରନ୍ତି।

14 ଆଜି ସକାଳର ସେବା ପାଇଁ ବାର୍ତ୍ତାକୁ ପ୍ରବେଶ କରିବା ପୂର୍ବରୁ, ମୁଁ ଚାହେଁ ଯେ ଆପଣମାନଙ୍କ ମନରେ ଏହା ଟିକିଏ ନିକଟତର ହେଉ। ଯଦି ଆପଣମାନଙ୍କ ମଧ୍ୟରୁ ଏପରି କେହି ଅଛନ୍ତି ଯାହାରକି ଛୁଟି ରହିଅଛି, ଏବଂ ମିଡିଲ୍‌ଟାଉନ୍, ଓହାୟୋରେ ଅନୁଷ୍ଠିତ ହେବାକୁ ଥିବା ସେବାଗୁଡିକ ମଧ୍ୟରୁ ଗୋଟିଏରେ ଯୋଗଦେବାକୁ ଚାହାଁନ୍ତି, ଯାହାକି ସୋମବାରଠାରୁ, ଏକ ସପ୍ତାହ ପାଇଁ, ଆରମ୍ଭ ହେବ, ତାହା କ୍ୟାମ୍ପ ପଡ଼ିଆରେ ହେବ।

15 ଜିନ୍, କଅଣ ତୁମେ ସେହି କ୍ୟାମ୍ପ ପଡ଼ିଆର କେବଳ ନାମ ଜାଣିଛ କି? [ଭାଇ ଜିନ୍ କୁହନ୍ତି, "ଏହା ମିଡିଲ୍‌ଟାଉନ୍‌ଠାରୁ ବାର ମାଇଲ୍ ଦୂରରେ ଅଛି ବୋଲି କହୁଥିଲେ।"—ସମ୍ପା।] ଭାଇ ସଲିଭାନ୍। ମିଡିଲ୍‌ଟାଉନ୍ ଏକ ଛୋଟ ସହର ଅଟେ, ମୁଁ ଭାବୁଛି ଏଠାରେ ଜେଫର୍ସନ୍‌ଭିଲେ ପରି ହୋଇଥିବ। ଏହା ଏକ ବାସ୍କେଟବଲ୍ କେନ୍ଦ୍ର ଅଟେ। ଭାଇ ସଲିଭାନ୍ ସେଠାରେ ପାଳକ ଅଟନ୍ତି। ଏହି ସଭାରେ ଥିବା ଷାଠିଏ-ରୁ-ଅଧିକ ପୂର୍ଣ୍ଣ ସୁସମାଚାର ମଣ୍ଡଳୀମାନ ଯେଉଁମାନେକି ଏହି ସଭାରେ ସହଯୋଗ କରୁଛନ୍ତି, ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବି, ଆପଣମାନଙ୍କୁ କହିବାକୁ ସମର୍ଥ ହେବେ ଯେ ସେହି କ୍ୟାମ୍ପ ପଡିଆଟି କେଉଁଠାରେ ଅଛି।

16 ଏବଂ କ୍ୟାମ୍ପ ପଡ଼ିଆରେ ଅନେକ କୁଟୀରମାନେ ରହିବ, ତେଣୁକରି ମୋତେ କୁହାଯାଇଛି ଯେ, ଆସିବାକୁ ଚାହୁଁଥିବା ଲୋକମାନଙ୍କର ଯତ୍ନ ନେବା ପାଇଁ। ଏବଂ ସଭାଗୁଡ଼ିକ ସୋମବାରଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ, ଛଅ ଦିନ ହେବ। ଏବଂ ରବିବାର ଦିନ ସେବା ହେବ ନାହିଁ, ଅନ୍ୟ ମଣ୍ଡଳୀଗୁଡିକ ହେତୁ, ଯେପରିକି ସେମାନେ ଯାଇ ସେମାନଙ୍କର ନିୟମିତ ସେବା କରିପାରନ୍ତି। ସମ୍ଭବତଃ, ପ୍ରତ୍ୟେକ ରାତ୍ରି, ଆରୋଗ୍ୟ ସେବା, କିମ୍ବା ରୋଗୀମାନଙ୍କ ପାଇଁ ପ୍ରାର୍ଥନା ହେବ। ଏବଂ ସମସ୍ତେ ଆମନ୍ତ୍ରିତ ଅଟନ୍ତି। ଏବଂ ତାହା ଅଗଷ୍ଟ 10 ତାରିଖରୁ ଆରମ୍ଭ ହୋଇ, 15 ତାରିଖ ଯାଏଁ, ସୋମବାରଠାରୁ ନେଇ ଶନିବାର ପର୍ଯ୍ୟନ୍ତ ହେବ। ଏବଂ ଯଦି ଆପଣଙ୍କର ଛୁଟି ଅଛି, ଏବଂ—ଏବଂ ଆପଣଙ୍କର ଛୁଟି ଆସୁଅଛି, ଏବଂ ଆପଣ ତାହାକୁ ଏହିପରି ଭାବରେ କଟାଇବାକୁ ଚାହାଁନ୍ତି, ତେବେ, ଆମେମାନେ ନିଶ୍ଚିତରେ ଆପଣଙ୍କୁ ପାଇ ଖୁସି ହେବୁ।

17 ମୁଁ ମଧ୍ୟ ସେସମସ୍ତ ଲୋକମାନଙ୍କୁ ଉତ୍ସାହିତ କରିବି ଯେଉଁମାନେକି ଖ୍ରୀଷ୍ଟିଆନ ବାପ୍ତିସ୍ମରେ ବାପ୍ତିଜିତ ହୋଇନାହାଁନ୍ତି, ଯେ ସେମାନେ ଆଜି ସକାଳେ ରହି ପୁନର୍ବାର ତାହା ଉପରେ ଚିନ୍ତା କରନ୍ତୁ। ଏବଂ ବାପ୍ତିସ୍ମ ସେବା ପାଇଁ ପ୍ରସ୍ତୁତ ରୁହନ୍ତୁ ଯାହାକି ମୁଁ ଭାବୁଛି, ବର୍ତ୍ତମାନଠାରୁ ନେଇ ପ୍ରାୟଃ ପଇଁ-ଚାଳିଶ ମିନିଟ୍ ଭିତରେ ତାହା ହେବ। ତାହା ଏଠାରେ ମଣ୍ଡଳୀରେ ହେବ।

18 ଆମେମାନେ ଲୋକମାନଙ୍କୁ ଖ୍ରୀଷ୍ଟିଆନ ବାପ୍ତିସ୍ମରେ ବାପ୍ତିଜିତ ହେବାକୁ ଉତ୍ସାହିତ କରିବା ପାଇଁ ଅତ୍ୟଧିକ ପ୍ରବୃତ୍ତ ଅଟୁ, ଏହା ଜାଣି ଯେ ତାହା ପରିତ୍ରାଣ ପାଇଁ ନିତାନ୍ତ ଜରୁରୀ ଅଟେ। କାରଣ ଏହା ଆମ ପ୍ରଭୁଙ୍କର, ତାହାଙ୍କର ଶେଷ କାର୍ଯ୍ୟଭାର ରୂପେ, ମଣ୍ଡଳୀ ପ୍ରତି ତାହାଙ୍କର

ଶେଷ କାର୍ଯ୍ୟଭାର ରୂପରେ ଲେଖା ଯାଇଥିଲା । କିଅବା, ଯେପରିକି ସେ ଶେଷରେ, ମଣ୍ଡଳୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, ସେ କହିଥିଲେ, "ସମସ୍ତ ଜଗତକୁ ଯାଅ, ଏବଂ ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର । ଯିଏ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ଉଦ୍ଧାର ପାଇବ ।" ତେଣୁକରି ଆମେମାନେ ଜାଣୁ ଯେ ଏହା ଜରୁରୀ ଅଟେ ଯେ ଆମେମାନେ ଡୁବିତ ହେବା ଦ୍ୱାରା ବାପ୍ତିଜିତ ହେଉ ।

19 ଏବଂ ଆମେମାନେ ଆପଣମାନଙ୍କୁ ଏହି ସେବା ପ୍ରଦାନ କରିବା ହେତୁ ଆନନ୍ଦିତ ହେବୁ, ସେହି ଯେକୌଣସି ବ୍ୟକ୍ତିଙ୍କୁ ଯିଏକି ସେମାନଙ୍କ ହୃଦୟରେ ଏହା ବିଶ୍ୱାସ କରନ୍ତି ଯେ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ଯେ ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ମୃତ୍ୟୁବରଣ କରିଥିଲେ, ଏବଂ ଆପଣ ହିଁ ସେହି ଜଣକା ଅଟନ୍ତି ଯାହାକୁ ଉଦ୍ଧାର କରିବା ନିମନ୍ତେ ସେ ମୃତ୍ୟୁବରଣ କରିଥିଲେ; ଏବଂ ଯିଏ ଆସିବାକୁ ଚାହିଁବେ ଓ ଆପଣାର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଇଚ୍ଛା କରିବେ; ଜଗତକୁ, ଏହା କହିବେ, ଯେ ଆପଣ ବିଶ୍ୱାସ କରନ୍ତି ଯେ ଆପଣଙ୍କର ପାପଗୁଡିକ କ୍ଷମା କରାଯାଇଛି, ଏବଂ ଏହା ଯେ ଆପଣ ବର୍ତ୍ତମାନ ନିଜର ପକ୍ଷ ନେବା ପାଇଁ, ପ୍ରଭୁ ଯୀଶୁଙ୍କ ଜଣେ ଶିଷ୍ୟ ହେବାକୁ ଯାଉଅଛନ୍ତି ।

20 ଯଦି ଆପଣଙ୍କ ପାଖରେ ଯିବା ହେତୁ କୌଣସି ମଣ୍ଡଳୀ ନାହିଁ, ତେବେ ଆମେ ଆପଣଙ୍କୁ ଆମ ସହିତ ସହଭାଗୀତା ନିମନ୍ତେ ପାଇବା ପାଇଁ ଆନନ୍ଦିତ ହେବୁ । ଆମର ଏଠାରେ କୌଣସି ସଦସ୍ୟ ନାହାଁନ୍ତି । ଏହା ପ୍ରତ୍ୟେକ ନାମଧାରୀ ସଂସ୍ଥାରୁ, ଖ୍ରୀଷ୍ଟଙ୍କ ସମସ୍ତ ଶରୀର ପାଇଁ, ଏହା ଏକ ଉନ୍ମୁକ୍ତ ଆରାଧନାଳୟ ଅଟେ । ଆମେ ଏକ ଆନ୍ତଃନାମଧାରୀ ସଂସ୍ଥା ଭାବରେ ଛିଡ଼ା ହୋଇଥାଉ । ଏବଂ ଆମେ ସମସ୍ତ ଲୋକମାନଙ୍କ ପାଇଁ ଦ୍ୱାର ଖୋଲିଅଛୁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କିଏ ଅଟନ୍ତି, କେଉଁ ବର୍ଣ୍ଣ, ଜାତି କିମ୍ବା, ଧର୍ମର ଅଟନ୍ତି, ସମସ୍ତଙ୍କର ସ୍ୱାଗତ ଅଛି । "ଯିଏ କେହି ଇଚ୍ଛା କରେ, ସେ ଆସୁ ।" ଏବଂ ଯଦି ଆପଣଙ୍କ ପାଖରେ ଅନ୍ୟ କୌଣସି ମଣ୍ଡଳୀ ନାହିଁ, ତେବେ ଆମେମାନେ ଆପଣଙ୍କ ନିମନ୍ତେ ଆନନ୍ଦିତ ହେବୁ ଯେ ଆପଣ ଆସି ଆମ ସହିତ ସହଭାଗୀତା କରନ୍ତୁ । ଯୋଗଦେବା ନିମନ୍ତେ କିଛି ନୁହେଁ । ଯେତେବେଳେ ଦ୍ୱାରଗୁଡିକ ଖୋଲା ହୁଏ ଆପଣ ଠିକ ଭିତରକୁ ଚାଲି ଆସନ୍ତୁ, ଏବଂ ଆମ ସହିତ ସହଭାଗିତା କରନ୍ତୁ । ତାହାହିଁ ସବୁକିଛି ଅଟେ ଯାହା ଆପଣ ଆବଶ୍ୟକ କରନ୍ତି; ଠିକ ସେହିପରି ଭାବରେ ଆସନ୍ତୁ । ଏକ ଖୋଲା ହୃଦୟ ସହିତ ଆସନ୍ତୁ, ନିଜର କାନ୍ଧକୁ ଚକରେ ରଖନ୍ତୁ, ଏବଂ ପରମେଶ୍ୱର-ଙ୍କ-ରାଜ୍ୟ ନିମନ୍ତେ ଆମକୁ ସାହାଯ୍ୟ କରନ୍ତୁ ଯେତେବେଳେ ଆମେମାନେ ଆଗକୁ ବଢିଥାଉ । କାରଣ, ଆମେମାନେ ବିଶ୍ୱାସ କରୁ ଯେ ସେହି ଘଟିକାଟି, ଶୀଘ୍ରାତିଶୀଘ୍ର ନିକଟବର୍ତ୍ତୀ ଅଟେ, ଯେତେବେଳେ ବାଇବଲରେ କୁହା ଯାଇଥିବା ସମସ୍ତ ବିଷୟ ସଫଳ ହେବ ।

21 ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନ୍ୟ ଏକ ଦିନ, ଆପଣମାନେ କୃଷ୍ଟେଓ୍ୱଙ୍କୁ, ଜାତି ସଂଘରେ ତାଙ୍କର ବକ୍ତବ୍ୟକୁ ପାଠ କରିଥିବେ, ଯାହାକି ମୋତେ ମୋର ଜଣେ ବନ୍ଧୁଙ୍କ ଦ୍ୱାରା,

ଗୋଟିଏ କାନାଡାର ଖବରକାଗଜରୁ ଉଦ୍ଧୃତ କରା ଯାଇଥିଲା । ସେ କହିଥିଲେ, "ଯଦି ଜଣେ ପରମେଶ୍ୱର ଅଛନ୍ତି, ତାହାହେଲେ ସେ ପୁନର୍ବାର ଆପଣ ପୁଞ୍ଜିବାଦୀମାନଙ୍କ ସହିତ ଠିକ ସେହିପରି ଭାବରେ, ସେହି ମନ୍ଦିରକୁ ପରିଷ୍କାର କରି ସଫା କରିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି, ଯେପରିକି ସେ ଆରମ୍ଭରେ କରିଥିଲେ ।" ତେଣୁକରି ବର୍ତ୍ତମାନ ଆପଣମାନେ ରେଖାଗୁଡିକର ମଧ୍ୟରେ ପାଠ କରିପାରନ୍ତି, "ସେ ପୁଣିଥରେ ମନ୍ଦିରକୁ ପରିଷ୍କାର କରିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି ।" ଏବଂ ତାହା ଭୟଙ୍କର, ଯେ ଜଣେ ସାମ୍ୟବାଦୀଙ୍କୁ ସେହିପରି କିଛି କହିବାକୁ ପଡିଥାଏ? ଯଦିଓ, ତାହାଙ୍କ ପାଖରେ କିଛି ରହିଥିଲା । ତାହା ଠିକ୍ ଅଟେ । ଆରମ୍ଭରେ, ତାହା ସେହି ପୁଞ୍ଜିପତିମାନେ ହିଁ ଥିଲେ, ଯେଉଁମାନେକି ସେହି ସମସ୍ୟାକୁ ସୃଷ୍ଟି କରିଥିଲେ । ଆମେମାନେ ପୁଞ୍ଜିବାଦୀ ଅଟୁ ।

22 ମୁଁ ଶୁଣିଲି ଯେ ଆମର ଆଦରଣୀୟ, ପ୍ରିୟ ପାଳକ, ଭାଇ ନେଭିଲ୍, ତାଙ୍କ ଟେଲିଭିଜନରେ…କିମ୍ବା ରେଡିଓ ପ୍ରସାରଣରେ ଏକ ମନ୍ତବ୍ୟ ଦେଇଥିଲେ, ଅନ୍ୟ ସକାଳରେ, ଯାହାକି ମୋ ମନରେ, ବାରମ୍ବାର ଓ ବାରମ୍ବାର ଘାରି ହୋଇଥିଲା । ମୁଁ ଏହାକୁ ଠିକ ଭୁଲି ପାରି ନ ଥିଲି । ଗତ ରାତିରେ, ମୁଁ ଏହାକୁ ମୋର ଜଣେ ବନ୍ଧୁଙ୍କୁ କହିଥିଲି । ଏବଂ ତାହା ଏହା ଥିଲା, ଯେ ସେଠାରେ ହେବ…ପୃଥିବୀରୁ, ପବିତ୍ରଆତ୍ମାଙ୍କୁ ନେଇଯିବା ପରେ, ସେହି ଆନୁଷ୍ଠାନିକ ମଣ୍ଡଳୀ ଧର୍ମ ପାର୍ଥକ୍ୟ ନ ଜାଣି, ଠିକ ଆଗକୁ ବଢି ଚାଲିବଣି । କଅଣ ଆପଣ କେବେ, କରିଛନ୍ତି…କେତେ ଜଣ ତାହା ଶୁଣିଛନ୍ତି? କଅଣ ତାହା ଆଶ୍ଚର୍ଯ୍ୟଜନକ ନ ଥିଲା କି? ସେମାନେ ପବିତ୍ରଆତ୍ମାଙ୍କୁ ଜାଣନ୍ତି ନାହିଁ, ତେଣୁକରି ସେମାନେ ଏହା ଜାଣନ୍ତି ନାହିଁ ଯେ ତାହା କେବେ ଚାଲିଗଲା, ଏବଂ ସେମାନେ ଠିକ୍ ସେହିପରି ଭାବରେ ଆଗକୁ ଚାଲିଥିବେ । ଯେତେବେଳେ ସେହି ଶେଷ ଜଣକାକୁ ଖ୍ରୀଷ୍ଟଙ୍କ ଶରୀରରେ ମୁଦ୍ରାଙ୍କିତ କରାଯାଏ, ସେମାନେ ତଥାପି ଆଗକୁ ବଢୁଥିବେ, ପରିବର୍ତ୍ତିତମାନଙ୍କୁ ଏଥିରେ ଆଣିବାକୁ ଚେଷ୍ଟା କରୁଥିବେ, କାରଣ ସେମାନେ ଏହା ଜାଣନ୍ତି ନାହିଁ ଯେ ତାହା କଅଣ ଅଟେ । ଏବଂ ସେମାନଙ୍କର ଆନୁଷ୍ଠାନିକ ଧର୍ମଗୁଡ଼ିକ ଠିକ ପୂର୍ବପରି ଜାରି ରହିଥିବ । ତେବେ, ଏହା ଆପଣଙ୍କ ଭିତରେ ସେହିପରି ନିମଜ୍ଜିତ ହୋଇ ନ ପାରେ ଯେପରିକି ତାହା ମୋ ସହିତ ହୋଇଥିଲା, ମାତ୍ର ତାହା ପ୍ରକୃତରେ ଏକ ଚମତ୍କାର ବକ୍ତବ୍ୟ ଥିଲା । ଯେ, ସେମାନେ କେବଳ ଧାର୍ମିକ ରୀତିନୀତିରେ, ଏତେ ଦୂରକୁ ଚାଲିଯିବେ, ଯେ ଏପରିକି ସେମାନେ ପବିତ୍ରଆତ୍ମାଙ୍କୁ ସୁଦ୍ଧା ହରାଇବେ ନାହିଁ, କାରଣ ଆରମ୍ଭରୁ ହିଁ, ସେମାନେ ଜାଣି ନାହାଁନ୍ତି ଯେ ତାହା କଅଣ ଅଟେ ।

23 ପରମେଶ୍ୱର ଆମ ଉପରେ ଦୟା କରନ୍ତୁ । ଭାଇ, ମୁଁ ଏହି ଜୀବନରେ ଏହିପରି ଭାବରେ ବଞ୍ଚି ରହିବାକୁ ଚାହେଁ, ଏବଂ ଏହା ମୋର ଇଚ୍ଛା, ଯେ ଏପରିକି ଯଦି ତାହାଙ୍କୁ ଅଳ୍ପ ମାତ୍ରକେ ବି ଦୁଃଖ ହୁଏ, ମୁଁ ଏହାକୁ ମୋ ହୃଦୟରେ ଜାଣି ଯିବି । ଯଦି ମୁଁ ଏପରି କିଛି କରେ ଯାହାକି ତାହାଙ୍କୁ ଦୁଃଖ ଦେଇଥାଏ, ତାହାହେଲେ ମୁଁ ଏହାକୁ ଅଳ୍ପ କ୍ଷଣ ମଧ୍ୟରେ ଅନୁଭବ କରିବାକୁ ସମର୍ଥ ହେବି ।

24 ତାହାଙ୍କର ଅନୁପସ୍ଥିତି ବିଷୟକୁ, ଅଲଗା ଛାଡି ଦିଅନ୍ତୁ; ମୁଁ ତ ଏଠାରେ ରହିବାକୁ ଚାହେଁ

ନାହିଁ ଯେତେବେଳେ ସେ ଏଠାରେ ନ ଥାଆନ୍ତି । ମୁଁ ତ ସେତେବେଳେ ଚାଲିଯିବାକୁ ଚାହେଁ, ହଁ, ଆଜ୍ଞା, କାରଣ ସେଠାରେ ଦୟା ସିଂହାସନରେ ରକ୍ତ ନ ଥିବ । ଏହା ଅନ୍ଧକାର ଏବଂ ଧୂମ ଏବଂ କଳା ହୋଇଯିବ । ସେହି ସମୟରେ ପବିତ୍ର ସ୍ଥାନରେ ସେଠାରେ ଆମର ମାମଲାକୁ ସପକ୍ଷବାଦୀ ହୋଇ ଉପସ୍ଥାପିତ କରିବା ପାଇଁ କୌଣସି ଓକିଲ ରହିବେ ନାହିଁ । କଅଣ ଆପଣ ଜାଣନ୍ତି ଯେ ଶାସ୍ତ୍ର ତାହା କୁହେ? ପବିତ୍ର ସ୍ଥାନଟି ଧୂମରେ ପରିପୂର୍ଣ୍ଣ ହେଉଥିଲା । ଦୟା ସିଂହାସନରେ ଯେତେବେଳେ କୌଣସି ରକ୍ତ ରହୁ ନ ଥିଲା, ସେତେବେଳେ ଏହା ବିଚାର ଥିଲା ।

25 ଯଦି ପ୍ରଭୁ କରିବେ, ଶରତ ଋତୁର ପ୍ରାରମ୍ଭରେ କୌଣସି ସମୟରେ, ଆମକୁ କେତୋଟି-ରାତିର ଉଦ୍ଦୀପନା ସଭା ଦେବେ, ମୁଁ ଏହାକୁ କେବଳ ମୋ ମନରେ ରଖିଅଛି, ଯେ ମୁଁ ସେହି ପ୍ରକାଶିତ ବାକ୍ୟର ପୁସ୍ତକ ନେବାକୁ ଚାହେଁ, ଯେ ଏହା ଉପରେ ଏକ ଅଧ୍ୟୟନ କରେ, ଠିକ କେବଳ ସେହି ପ୍ରକାଶିତ ବାକ୍ୟ ପୁସ୍ତକ ଦେଇ, ଆଗକୁ ଯାଏ ।

26 ବର୍ତ୍ତମାନ, ଆଜି, ମୁଁ ଜାଣେ ଯେ ସେଠାରେ ପ୍ରାର୍ଥନା କରାଇବା ନିମନ୍ତେ, ଅନେକ ଲୋକ ଆସିଛନ୍ତି । ଏବଂ ମୋର କାର୍ଯ୍ୟାଳୟଟି ଆଜି, କିମ୍ବା ଏହି ସପ୍ତାହରେ ବନ୍ଦ ଥିଲା । ଏବଂ କିଛି ଲୋକମାନେ ଆସିଥିଲେ, ପ୍ରାର୍ଥନା କରାଯିବା ନିମନ୍ତେ ସୁଯୋଗ ପାଇ ନ ଥିଲେ, ସେଠାରେ ବାହାରେ, କାରଣ ସେହି ବାଳକମାନେ ଗୋଟିଏ ଦିନ ପାଇଁ କିମ୍ବା ସେହିପରି କିଛି, ବିଶ୍ରାମ ନେବା ନିମନ୍ତେ, ଚାଲି ଯାଇଥିଲେ । ସେମାନଙ୍କ ପାଖରେ କରିବା ପାଇଁ ବହୁତ କିଛି କାମ ରହିଛି; ସେମାନଙ୍କର ନିଜସ୍ୱ କାର୍ଯ୍ୟ, ପୁଣି ଆରାଧନାଳୟର କାର୍ଯ୍ୟ, ଏବଂ ମୋର ଫୋନ୍ ଡାକରା ଓ ସବୁକିଛି । ଏହା ଶୀଘ୍ର ହିଁ ଆପଣଙ୍କୁ ଆପଣଙ୍କର ସ୍ନାୟୁତନ୍ତ୍ରରେ ପ୍ରଭାବ ପକାଏ । ଏବଂ ତେଣୁକରି ତାହାହିଁ ସେହି କାରଣ ଅଟେ । ମୁଁ ଜାଣେ ଯେ ମୋତେ କେତେବେଳେ ଥରେ, କୌଣସି ଠାରେ ବାହାରକୁ ଯିବାକୁ ପଡିଥାଏ, ଏବଂ କିଛି ଗୋଟାଏ ଅଲଗା କରିବାକୁ ପଡିଥାଏ, ଏବଂ ମୁଁ ଜାଣେ ଯେ ସେମାନେ ମଧ୍ୟ, ତାହା କରନ୍ତି । ତେଣୁକରି, ସେମାନେ ମୋତେ ଡାକି ଜଣାଇଲେ । ମୁଁ କହିଲି, "ମୁଁ ଭାବୁଛି ଯେ ଏହା ଠିକ ହେବ ।" ଏବଂ ଆମେମାନେ କିଛି କ୍ଷଣ ମଧ୍ୟରେ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ ।

27 ଏବଂ ମୁଁ ଭାବିଲି ଆମେ ପରମେଶ୍ୱରଙ୍କ ବାକ୍ୟରୁ କିଛି ପାଠ କରିବା । ଯଦି ଆପଣମାନଙ୍କ ପାଖରେ ବର୍ତ୍ତମାନ ନିଜର ବାଇବଲ ଅଛି, ତେବେ ଆସନ୍ତୁ ଯିଶାଇୟ ପୁସ୍ତକକୁ ଯିବା । ମୁଁ ଦେଖିବାକୁ ପସନ୍ଦ କରିବି ଯେ ଆପଣ ନିଜର ପୁସ୍ତକ ନିଅନ୍ତୁ ଏବଂ ଏହାକୁ ପାଠ କରନ୍ତୁ । ମୁଁ ପାଠ କରେ...ଯଦି ଆପଣ କେବଳ ସେହି ବାକ୍ୟର ଯାହାକି ଆମେମାନେ ପାଠ କରୁ ତାହାର ଗୋଟିଏ କିମ୍ବା ଦୁଇଟି ଶବ୍ଦରୁ ଅଧିକ ନୁହେଁ ପାଠ କରନ୍ତି, ତଥାପି, ଏହା ପରମେଶ୍ୱରଙ୍କ ଅନନ୍ତ, ଅମର ବାକ୍ୟ ଅଟେ । ଏହା କଦାପି ଲୋପ ହୋଇପାରେ ନାହିଁ । ଯିଶାଇୟଙ୍କ 55 ତମ ପର୍ବ, ଶୀର୍ଷକ ହେଉଛି, "ଅନନ୍ତ ପରିତ୍ରାଣ ।"

*ହେ, ତୃଷିତ ଲୋକସକଳ, ତୁମ୍ଭେମାନେ ଜଳ ନିକଟକୁ ଆସ, ପୁଣି ଯାହାର କିଛି*

*ଅର୍ଥ ନାହିଁ, ସେ ଆସ; ତୁମ୍ଭେମାନେ ଆସ, କିଣ ଓ ଭୋଜନ କର; ହଁ, ଆସ, ଅର୍ଥ ଓ ମୂଲ୍ୟ ବିନା...ଦ୍ରାକ୍ଷାରସ କିଣ ।*

*ଅଖାଦ୍ୟ ଦ୍ରବ୍ୟ ନିମନ୍ତେ ତୁମ୍ଭେମାନେ କାହିଁକି ରୂପା ବ୍ୟୟ କରୁଅଛ? ଓ ଯାହା ତୃପ୍ତିକର ନୁହେଁ, ତହିଁ ପାଇଁ କାହିଁକି ତୁମ୍ଭେମାନେ ପରିଶ୍ରମ କରୁଅଛ? ମନୋଯୋଗ କରି ଆମ୍ଭର କଥା ଶୁଣ, ଓ ଉତ୍ତମ ଦ୍ରବ୍ୟ ଭୋଜନ କର, ଓ ପୁଷ୍ଟିକର ଦ୍ରବ୍ୟରେ ତୁମ୍ଭମାନଙ୍କର ପ୍ରାଣକୁ ସନ୍ତୁଷ୍ଟ ହେବାକୁ ଦିଅ ।*

*କର୍ଣ୍ଣ ଡେର, ଓ ଆମ୍ଭ ନିକଟକୁ ଆସ: ଶୁଣ, ତହିଁରେ ତୁମ୍ଭମାନଙ୍କର ପ୍ରାଣ ବଞ୍ଚିବ; ପୁଣି ଆମ୍ଭେ ତୁମ୍ଭମାନଙ୍କ ସହିତ ଏକ ନିତ୍ୟସ୍ଥାୟୀ ନିୟମ, ଅର୍ଥାତ ଦାଉଦଙ୍କ ପ୍ରତି ନିଶ୍ଚିତ ଦୟା ସ୍ଥିର କରିବା ।*

28 ମୁଁ ଅଳ୍ପ କିଛି ସମୟ ପାଇଁ, ଆପଣମାନଙ୍କୁ ଏହି ବିଷୟ ଉପରେ, କହିବାକୁ ଚାହେଁ: *ବିନା ଅର୍ଥ ଓ ବିନା ମୂଲ୍ୟରେ ।*

29 ଆମମାନଙ୍କ ଦିନରେ ମନୋରଞ୍ଜନର ବହୁତ କିଛି ବିଷୟମାନ ଅଛି । ଲୋକମାନଙ୍କୁ ଆକର୍ଷିତ କରିବା ହେତୁ ଏତେ ଅଧିକ ବିଷୟମାନ ଅଛି ଯାହାକୁ ଆମେ "ଭୋଗ ବିଳାସ" ବୋଲି କହିଥାଉ, ଏବଂ ଏହା ସମସ୍ତ ଲୋକମାନଙ୍କ ପାଇଁ, ସମସ୍ତ ବୟସ ପାଇଁ ଅଟେ ।

30 ସେଠାରେ ଯୁବା ଲୋକମାନଙ୍କ ପାଇଁ ପ୍ରଲୋଭନ ବିଷୟ ଅଛି, ସେହି ଆଧୁନିକ ନୃତ୍ୟ ଏବଂ ରକ୍-ରୋଲ୍ ଆମୋଦ ପ୍ରମୋଦ ବିଷୟମାନ, ଏବଂ ସେମାନଙ୍କ ପାଖରେ ଥିବା ସେହି ସଂଗୀତ ଯାହାକି ତାହା ସହିତ ଚାଲିଥାଏ । ଏବଂ ଏହା ସବୁ ମନୋରଞ୍ଜନ ନାମରେ, ପ୍ରଲୋଭନ ଅଟେ ।

31 ମୋର ସେଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଗୋଟିଏ ପିଲା କେତେ ଭଲ ଭାବରେ ପାଳିତ ହୋଇଥାଏ, ଏବଂ ଏହାକୁ କିପରି ଭାବରେ ବିଷୟଗୁଡ଼ିକୁ ଠିକ୍ କରିବାକୁ ଶିଖା ଯାଇଥାଏ; ଯଦି ସେହି ଶିଶୁ ନୂତନ ଜନ୍ମର ଅଭିଜ୍ଞତାକୁ ଗ୍ରହଣ କରି ନାହିଁ, ତାହାହେଲେ ରକ୍-ଏବଂ-ରୋଲ୍ ସଂଗୀତ ତାର ଧ୍ୟାନକୁ ଶୁଣିବା ମାତ୍ରକେ ହିଁ ଆକର୍ଷିତ କରେ । କାରଣ, ତାହାଠାରେ, ସ୍ୱଭାବ ଦ୍ୱାରା ହିଁ ତାହାଠାରେ, ଏକ ଶାରୀରିକ ଆତ୍ମା, ଜନ୍ମ ନେଇଥାଏ । ଏବଂ ଶୟତାନର ଶକ୍ତି ଆଜି ଏତେ ମହାନ ଅଟେ, ଯେ, ଏପରିକି ତାହା ସେହି ଛୋଟ ପିଲାଟିର ଆତ୍ମାକୁ ଧରି ନେଇଥାଏ ।

32 ଏବଂ ତାହାହେଲେ, ଏହା ସେହି ବୟସ୍କ ଲୋକମାନଙ୍କୁ କେତେ ଅଧିକ କରିବ, ଯେଉଁମାନେକି ସେହି ନୂତନ ଜନ୍ମକୁ ପ୍ରତ୍ୟାଖ୍ୟାନ କରିଅଛନ୍ତି! କାରଣ, କେବଳ ଯେତେବେଳେ ଆପଣଙ୍କର ଜୀବନଟି ପରିବର୍ତ୍ତିତ ହୋଇଥାଏ, ଏବଂ ଆପଣ ପରିବର୍ତ୍ତିତ ହୋଇ, ପରମେଶ୍ୱରଙ୍କ ରାଜ୍ୟରେ ନୂତନ ଭାବେ ଜନ୍ମ ଗ୍ରହଣ କରିଥାନ୍ତି, ଆପଣଙ୍କର ପ୍ରକୃତି ଏବେ ସୁଦ୍ଧା ଜଗତର ବିଷୟବସ୍ତୁରୁ ହିଁ ହେବ, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଧାର୍ମିକ ଅଟନ୍ତି, ଯେପର୍ଯ୍ୟନ୍ତକି ଆପଣଙ୍କ ଭିତରେ ତାହା ପରିବର୍ତ୍ତନ ହୋଇନାହିଁ ।

ଆପଣ ଉପାସନା କରି ଧାର୍ମିକ ହୋଇପାରିବେ, କିନ୍ତୁ ତଥାପି ତାହା ଆପଣଙ୍କ ପ୍ରତି କୌଣସି ପ୍ରକାର ଏକ ଆକର୍ଷଣର ଶକ୍ତି ରହିବ, କାରଣ ପାପ ଓ ତାର ଅଭିଳାଷର ଏହି ବୃଦ୍ଧ ବ୍ୟକ୍ତିଜଣକ ଏପର୍ଯ୍ୟନ୍ତ ସୁଦ୍ଧା ଆପଣଙ୍କ ଭିତରେ ମରି ନାହିଁ।

33 ମାତ୍ର ଥରେ ଖ୍ରୀଷ୍ଟଙ୍କୁ ଆପଣଙ୍କ ହୃଦୟରେ ସିଂହାସନ ଗ୍ରହଣ କରିବାକୁ ଦିଅନ୍ତୁ, ସେହି ବିଷୟଗୁଡ଼ିକ ବ୍ୟତିବ୍ୟସ୍ତ କରେ ନାହିଁ। ଏହା ଏତେ ଅଧିକ ମହାନ ଅଟେ।

34 ମୁଁ ସେହି ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିପାରେ ନାହିଁ, କାରଣ ମୁଁ ବର୍ତ୍ତମାନ ତାଙ୍କ ନାମ ଚିନ୍ତା କରିପାରୁ ନାହିଁ, ମାତ୍ର ଆପଣମାନଙ୍କ ମଧ୍ୟରୁ ଅନେକେ ତାଙ୍କୁ ମନେ ରଖିଥିବେ। ସେମାନେ କୁହନ୍ତି ଯେ ଏପରି ଏକ ଦ୍ୱୀପ ଥିଲା ଯେଉଁଠାରେକି ସେହି ପୁରୁଷମାନେ, ଆକ୍ରମଣ ପାଇଁ ଲୁଚି ରହିଥାନ୍ତି, ଏବଂ ସ୍ତ୍ରୀଲୋକମାନେ ଗୀତ ଗାଇ ଗାଇ, ବାହାରକୁ ଆସିଥାନ୍ତି। ଏବଂ ସେମାନଙ୍କର ଗୀତ ଏତେ ଚିତ୍ତାକର୍ଷକ ଥିଲା, ଯେ ଜାହାଜରେ ଯାଉଥିବା, ସେହି ନାବିକମାନେ, ଟାଣି ହୋଇ ଆସନ୍ତି। ଏବଂ ତାହାପରେ ଆକ୍ରମଣକାରୀ ସୈନିକମାନେ ଏହି ନାବିକମାନଙ୍କୁ ଧରି ପକାନ୍ତି—ପକାନ୍ତି, ଏବଂ ସେମାନଙ୍କୁ ହତ୍ୟା କରନ୍ତି। ଏବଂ ଜଣେ ନିର୍ଦ୍ଦିଷ୍ଟ ମହାନ ବ୍ୟକ୍ତି ସେହି ମାର୍ଗ ଦେଇ ଯିବାକୁ ଚାହିଁଲେ। ଏବଂ ସେ ତାଙ୍କର ନାବିକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ତାଙ୍କୁ ପାଲ ବନ୍ଧା ଯାଉଥିବା ଏକ ପୋଲରେ ବାନ୍ଧି ଦିଅନ୍ତୁ, ଏବଂ—ଏବଂ—ଏବଂ ତାଙ୍କ ପାଟିରେ କିଛି ରଖି ଦିଅନ୍ତୁ, ଯେପରିକି ସେ ଚିତ୍କାର କରି ପାରିବେ ନାହିଁ; ଏବଂ—ଏବଂ ତାଙ୍କର ନାବିକମାନଙ୍କ କାନରେ କିଛି ଜିନିଷ ଚୁଣ୍ଟି ଦିଅନ୍ତୁ, ଯେପରିକି ସେମାନେ ତାହା ଶୁଣି ପାରିବେ ନାହିଁ, ଏବଂ ଏହା ଶୁଣିବାରୁ ବଞ୍ଚିତ ହୋଇ, ପାରି ହୋଇଯିବେ। ଏବଂ ସେହି ସ୍ତ୍ରୀଲୋକମାନେ, ନାଚି ନାଚି ଏବଂ—ଏବଂ ଚିତ୍କାର କରି, ଏବଂ ଗୀତ ଗାଇ ବାହାରି ଆସିଲେ, ଏବଂ, ଓଃ, ଏହା ଏତେ ଅଧିକ ଚିତ୍ତାକର୍ଷକ ଥିଲା, ଯେ ଏପରିକି ସେ ନିଜ ହାତରେ ନିଜକୁ ଲୁଚାଇ, ତାଙ୍କର ନାବିକମାନଙ୍କୁ ଉଚ୍ଚ ପାଟିରେ ଚିତ୍କାର କଲେ, "ବୁଲି ପଡ! ବୁଲି ପଡ!" କିନ୍ତୁ ସେମାନେ ତାଙ୍କ କଥା ଶୁଣିପାରିଲେ ନାହିଁ, ସେମାନଙ୍କ କାନରେ ଚୁଣ୍ଟା ରହିଥିଲା।

35 ଏବଂ ତାହାପରେ ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କଲେ ଯେଉଁଠାରେକି ସେମାନଙ୍କୁ ତାଙ୍କୁ ପୋଲରୁ ଉନ୍ମୁକ୍ତ-କରିବାକୁ ଥିଲା, କିମ୍ୱା, ତାଙ୍କ ହାତକୁ ଖୋଲିବାକୁ ଥିଲା, ଏବଂ ତାଙ୍କୁ ସେମାନଙ୍କ କାନରୁ ଚୁଣ୍ଟା ଯାଇଥିବା ଜିନିଷଗୁଡ଼ିକୁ କାଢିବାକୁ ଥିଲା। ସେଠାରେ, ଯେତେବେଳେ ସେ ରାସ୍ତାରେ ବୁଲୁଥିଲେ, ସେ ଜଣେ ସଂଗୀତଜ୍ଞଙ୍କୁ ଶୁଣିଲେ ଯାହାକି ତଳେ ଥିବା ସେହି ବିଷୟଠାରୁ ବହୁତ ଅଧିକ ସର୍ବୋତ୍କୃଷ୍ଟ ଥିଲା, ଏପରିକି ଯେତେବେଳେ ସେ ପୁନର୍ବାର ସେହି ମାର୍ଗ ଦେଇ ଗଲେ, ସେମାନେ କହିଲେ, "ହେ, ମହାନ ନାବିକ, କଅଣ ଆମେ ଆପଣଙ୍କୁ ପୁଣିଥରେ ପୋଲରେ ବାନ୍ଧିବା କି?"

36 ସେ କହିଲେ, "ନା, ମୋତେ କେବଳ ଉନ୍ମୁକ୍ତ ଛାଡ଼ି ଦିଅ। ମୁଁ ଏପରି କିଛି ଏତେ ମହାନ ବିଷୟ ଶୁଣିଅଛି, ଯେ ତାହା ମୋତେ ଆଉ କଦାପି ବ୍ୟତିବ୍ୟସ୍ତ କରିବ ନାହିଁ।"

37 ଜଣେ ନୂତନ ଜନ୍ମ ପାଇଥିବା ଖ୍ରୀଷ୍ଟିଆନଙ୍କର ସେହି ପ୍ରକାର ହିଁ ଅଟେ। ସେମାନେ ରକ୍-ଏଣ୍ଡ-ରୋଲ୍ ଠାରୁ ଏବଂ ଏହି ଜଗତର ମନୋରଞ୍ଜନ ଠାରୁ ଏକ ଅଧିକ କିଛି ମହାନ ବିଷୟ ପାଇଛନ୍ତି। ସେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ମନୋରଞ୍ଜନ ହୋଇଥାନ୍ତି। ଏହା ଏତେ ଅଧିକ ମହାନ ଅଟେ, ଏପରିକି ଜଗତ ସେମାନଙ୍କ ପାଇଁ ମୃତ ହୋଇଥାଏ।

38 ମାତ୍ର ଯେତେବେଳେ ଆପଣ ଏହି ଶସ୍ତା ମନୋରଞ୍ଜନକୁ ଯାଆନ୍ତି, ଆପଣଙ୍କୁ ମନେ ରଖିବା ଉଚିତ ଯେ ଆପଣଙ୍କୁ ବହୁତ ଅଧିକ ଟଙ୍କା ନେବା ଆବଶ୍ୟକ। ଜଣେ ଯୁବା ଲୋକ ଯିଏକି ନିଜର ଝିଅ ବନ୍ଧୁଙ୍କୁ ଏହି ଆମୋଦ ପ୍ରମୋଦଜନକ ଏକତ୍ରୀକରଣକୁ ଏବଂ ଏହି ନୃତ୍ୟକୁ, ଏବଂ ଏହିପରି ସ୍ଥାନକୁ ନେଇକରି ଯାଆନ୍ତି, ସେ ସେହି ସପ୍ତାହର ଆୟର ବହୁତ ଅଧିକ ଅର୍ଥ ବ୍ୟୟ କରିବାକୁ ଯାଉଛନ୍ତି। ଏବଂ ସେହି ବୃଦ୍ଧ ଲୋକମାନେ ଯେଉଁମାନେକି ମଦଶାଳାକୁ ଯାଇ, ନିଜର ସପ୍ତାହର ଦୁଃଖଗୁଡିକୁ ଦୂର କରିବାରେ ଆନନ୍ଦ ପାଇବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ ବହୁତ ଟଙ୍କା ବ୍ୟୟ କରିବାକୁ ପଡିଥାଏ। ଏବଂ ସେମାନେ ଏଥିରୁ କଅଣ ପାଆନ୍ତି? ସେମାନେ ଆଉ କିଛି ନୁହଁ ବରଂ ହୃଦୟ ଯନ୍ତ୍ରଣା ପାଇଥାନ୍ତି।

39 ଏବଂ ମନେରଖନ୍ତୁ, ଆପଣଙ୍କୁ ଏହିସବୁ ପାଇଁ କୌଣସି ଦିନେ ପରମେଶ୍ୱରଙ୍କ ସହିତ ସମାଧାନ କରିବାକୁ ପଡିବ। "ପାପର ବେତନ ହେଉଛି ମୃତ୍ୟୁ।" ଆପଣ ଏଠାରେ ଏହା ଦ୍ୱାରା, ପୃଥିବୀରେ କିଛି ହେଲେ ଲାଭ କରନ୍ତି ନାହିଁ। ଏହା ଏକ ମିଥ୍ୟା ମରିଚିକା ଅଟେ। ମଦ୍ୟପାନ କରିବା କେବଳ ଦୁଃଖକୁ ବଢାଇବ। ପାପ କେବଳ ମୃତ୍ୟୁ ଉପରେ ମୃତ୍ୟୁକୁ ଯୋଗ କରିବ। ଆପଣଙ୍କର ଅନ୍ତିମ ପାଉଣା ଅନନ୍ତକାଳ ନିମନ୍ତେ, ପରମେଶ୍ୱରଙ୍କଠାରୁ ପୃଥକ୍କୀକରଣ ହେବ; ଅଗ୍ନି ହ୍ରଦ ମଧ୍ୟକୁ। ଏବଂ ଆପଣ କିଛି ଲାଭ କରିପାରିବେ ନାହିଁ, ମାତ୍ର ହରାଇବେ।

40 ତାହାପରେ ପରମେଶ୍ୱର ଆସି ପ୍ରଶ୍ନ ପଚାରନ୍ତି, "ଯେଉଁ ବିଷୟଗୁଡିକ ତୃପ୍ତିକର ନୁହେଁ ତହିଁ ପାଇଁ କାହିଁକି ମୂଲ୍ୟ ବ୍ୟୟ କରୁଛ? ତୁମେମାନେ ଏହା କାହିଁକି କରୁଅଛ?"

41 ମନୁଷ୍ୟକୁ ଏହା କରାଇବା ହେତୁ କେଉଁ ବିଷୟ ପ୍ରବର୍ତ୍ତାଇ ଥାଏ? ସେମାନଙ୍କ ପାଖରେ ଥିବା ସମସ୍ତ ଧନକୁ, ଯାହା ସବୁ ସେମାନେ ଅର୍ଜନ କରିପାରନ୍ତି, ସେମାନେ ମଦ କିଣିବା ପାଇଁ, କୌଣସି ମହିଳାଙ୍କ ନିମନ୍ତେ ପରିଧାନ ପୋଷାକ କିଣିବା ପାଇଁ, କିଅବା କୌଣସି ପ୍ରକାର ଏକ ସାଂସାରିକ, ଲୋଭନୀୟ ଭୋଗ ବିଳାସ ପାଇଁ ଖର୍ଚ୍ଚ କରିଦିଅନ୍ତି।

42 ମାତ୍ର ଆମକୁ ବାଇବଲରେ କୁହାଯାଇଛି, ଏବଂ ପରମେଶ୍ୱରଙ୍କ ନିକଟକୁ ଆସିବା ପାଇଁ ଆହ୍ୱାନ କରାଯାଇଛି, "ଏବଂ ଅନନ୍ତ ଆନନ୍ଦ ଓ ଅନନ୍ତ ଜୀବନ, ବିନା ଅର୍ଥରେ କିମ୍ବା ବିନା ମୂଲ୍ୟରେ କିଣିବା ପାଇଁ କୁହାଯାଇଛି।"

43 ସେହି ବିଷୟଗୁଡ଼ିକ ସନ୍ତୁଷ୍ଟ କରିପାରେ ନାହିଁ, ଏବଂ ସେମାନଙ୍କର ଶେଷ ଦଶା ହେଉଛି ଅନନ୍ତ ମୃତ୍ୟୁ। ଏବଂ ଏହା ଆପଣଙ୍କୁ ସେହି—ସେହି ବଡ଼ ଲୋକ କିମ୍ବା ସେହି ମନୋରଞ୍ଜନକାରୀ ବ୍ୟକ୍ତି ହେବା ପାଇଁ ସମସ୍ତ ଧନକୁ ବ୍ୟୟ କରିଥାଏ ଯାହାକି ଆପଣ

ଏକତ୍ର କରିପାରିଥାନ୍ତି, କିମ୍ବା ସେହି କୌତୁକୀଆ ବାଳକ ହେବା ପାଇଁ, କିମ୍ବା ଆପଣ ଯାହା ବି ହୋଇପାରନ୍ତି, କିମ୍ବା ସେହି ଲୋକପ୍ରିୟ ଝିଅ, କିମ୍ବା ଏହା ଯାହାକିଛି ବି ଅଟେ। ତାହା କରିବା ପାଇଁ, ଏହା ଆପଣଙ୍କର ସମସ୍ତ କିଛିକୁ ବ୍ୟୟ କରିଥାଏ ଯାହା ଆପଣ ଏକତ୍ର କରି ପାରିଥାନ୍ତି ସର୍ବୋଚ୍ଚ ସ୍ତରର ବସ୍ତ୍ର ପରିଧାନ କରିବା, ଏବଂ—ଏବଂ ସେହି ବିଷୟଗୁଡିକୁ କରିବା ଯାହାକି ଜଗତ କରିଥାଏ, କେବଳ ଅନନ୍ତ ନିନ୍ଦାର ଏକ ପାଉଣା ପାଇବା ନିମନ୍ତେ।

44 ପରମେଶ୍ୱର କହିଲେ, ତେବେ, "କାହିଁକି?" ବିଚାର ଦିନରେ ଆମେ ସେତେବେଳେ କଅଣ କରିବାକୁ ଯାଉଅଛୁ, ଯେତେବେଳେ ଆମକୁ ପଚରାଯାଏ, ଆମେ ତାହା ସେପରି କାହିଁକି କଲୁ? ଆମର ଉତ୍ତର କଅଣ ହେବାକୁ ଯାଉଅଛି? ଆଧୁନିକ ଆମେରିକାର ଉତ୍ତର କଅଣ ହେବାକୁ ଯାଉଅଛି, ଯିଏକି କୁହେ ଯେ ସେମାନେ ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ଅଟନ୍ତି? ଏବଂ ଗୋଟିଏ ବର୍ଷରେ, ଭୋଜନ ଅପେକ୍ଷା, ମଦ୍ୟପାନରେ ଅଧିକ ଅର୍ଥ ଖର୍ଚ୍ଚ କରା ହୋଇଥାଏ। "ସେହି ପ୍ରକାର ଜିନିଷ ପାଇଁ ଆପଣ କାହିଁକି ନିଜର ଅର୍ଥ ଖର୍ଚ୍ଚ କରନ୍ତି?" ତଥାପି, ସରକାର ଆପଣଙ୍କୁ ପାଞ୍ଚ ଡଲାର ମୂଲ୍ୟର କର ଆଦାୟ ପାଇଁ, କାରଗାରକୁ ପଠାଇ ଦେବ ଯାହାକି ହୁଏତ ଆପଣ କୌଣସି ଅନୁଷ୍ଠାନକୁ ପଠାଇଥିବେ ଯିଏକି କିଛି ମିଶନାରୀମାନଙ୍କୁ ବିଦେଶକୁ ପଠାଇବା ନିମନ୍ତେ, କର ଗ୍ରହଣ କରିବା ହେତୁ ସଠିକ୍ ଭାବରେ ସୁବ୍ୟବସ୍ଥିତ ହୋଇ ନ ଥାଏ। କୌଣସି ଦିନେ ଆମକୁ ପଚରାଯିବାକୁ ଯାଉଅଛି, "ତୁମେ ଏହା କାହିଁକି କଲ?"

45 ଆମେମାନେ ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ଅଟୁ, ଏବଂ ସେଠାରେ ସେହି ଲୋକମାନଙ୍କୁ କୋଟି କୋଟି ଟଙ୍କା ପଠାଯାଏ, ଯାହା ଦ୍ୱାରା ଆମେ ସେମାନଙ୍କର ବନ୍ଧୁତାକୁ କିଣିବାକୁ ଚେଷ୍ଟା କରୁଅଛୁ। ବର୍ତ୍ତମାନ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରୁଅଛନ୍ତି। ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ କ୍ରୁଶ୍ଚେଭ କହିଥିଲେ, "ଯଦି ଏକ ପରମେଶ୍ୱର ଅଛନ୍ତି, ତାହାହେଲେ ସେ ପୁନର୍ବାର ତାଙ୍କର ପ୍ରାସାଦକୁ ପରିଷ୍କାର କରିବେ।" ଆମକୁ ଲଜ୍ଜା ଦେବା ପାଇଁ, ପ୍ରତିମାପୂଜକମାନେ ଏହିପରି ବିବୃତ୍ତି ଦେଇପାରନ୍ତି। ଏହା କେତେ ଏକ ହାସ୍ୟାସ୍ପଦ ବିଷୟ ଅଟେ! ଏବଂ ଆମେ ନିଜକୁ ଖ୍ରୀଷ୍ଟିଆନ ବୋଲି କହିଥାଉ।

46 ପରମେଶ୍ୱର କହିଲେ, "ଆସ, ଅନନ୍ତ ଜୀବନ କିଣ, ବିନା ଅର୍ଥରେ, ବିନା ମୂଲ୍ୟରେ।" ଚିରକାଳ ବଞ୍ଚିବା ପାଇଁ, ଜୀବନ ନିଅ, ଆଉ ଆମେମାନେ ଏହା ପ୍ରତି ନିଜର ପିଠି କରି ଦେଇଥାଉ ଓ ତାହାଙ୍କ ମୁହଁରେ ହସି ଦେଇଥାଉ। ସେଦିନ ଆମେ କଅଣ କରିବାକୁ ଯାଉଅଛୁ? କଅଣ ହେବାକୁ ଯାଉଅଛି…?

47 ଯଦି ପରମେଶ୍ୱର ଆମକୁ କିଛି ବିଷୟ କରିବାକୁ ଦିଅନ୍ତି, ଏବଂ ଆମକୁ ଟଙ୍କା ଦିଅନ୍ତି, ଏବଂ ଆକାଶ ତଳେ ଆମକୁ ସବୁଠାରୁ ଧନୀ ରାଷ୍ଟ୍ର କରି ଦିଅନ୍ତି, ତେବେ ପରମେଶ୍ୱର ପଚାରିବାକୁ ଯାଉଛନ୍ତି, ଆମେ ତାହା ସହିତ କଅଣ କଲୁ? ଆମେମାନେ କାହିଁକି ସେହି ଅତୃପ୍ତିକର ବିଷୟଗୁଡିକୁ କିଣିବା ପାଇଁ ଆମର ଟଙ୍କାକୁ ଖର୍ଚ୍ଚ କଲୁ? କେବଳ ଏକ ରାଷ୍ଟ୍ରକୁ ନୁହେଁ, ବରଂ ତାହା ବ୍ୟକ୍ତିବିଶେଷଙ୍କ ପ୍ରତି ହେବ; ପଇସାଠାରୁ, ନେଇ ଲକ୍ଷ ଲକ୍ଷ ଡଲାର ଟଙ୍କା ପର୍ଯ୍ୟନ୍ତ,

ପ୍ରତ୍ୟେକଙ୍କୁ ତାହା ପଚରାଯିବ ।

48 ଯେତେବେଳେ ମନୁଷ୍ୟମାନେ ପରସ୍ପରକୁ ହତ୍ୟା କରନ୍ତି: ମୁଁ ଏହି ନିକଟରେ ଏକ ଲେଖନୀକୁ ପାଠ କରୁଥିଲି, ଯେଉଁଠାରେକି ଦୁଇଜଣ ବ୍ୟକ୍ତି ଏକ ଶିକାର ଶିବିରରେ କାମ କରୁଥିଲେ । ଜଣଙ୍କର ପାଞ୍ଚୋଟି ସନ୍ତାନ ଥିଲେ, ଅନ୍ୟଟିର ଦୁଇଟି ସନ୍ତାନ ଥିଲେ । ଏବଂ ସେମାନଙ୍କ ମଧ୍ୟରୁ ଜଣକାକୁ ଛଟେଇ କରିବାକୁ ପଡିଥିଲା । ଏବଂ ତନ୍ମଧ୍ୟରୁ ଗୋଟିଏ ବ୍ୟକ୍ତି ଯାହାରକି ଦୁଇଟି ସନ୍ତାନ, କିମ୍ବା ପାଞ୍ଚୋଟି ସନ୍ତାନ ଥିଲେ, ଅନୁଭବ କଲେ ଯେ ତାଙ୍କୁ ସେହି ଦୁଇଟି ସନ୍ତାନ ଥିବା ବ୍ୟକ୍ତିଙ୍କ ଅପେକ୍ଷା କାମର ଅଧିକ ପ୍ରୟୋଜନ ଅଛି; ଏବଂ ତାଙ୍କ ସହିତ ଶିକାର କରିବାକୁ ଗଲେ, ଏବଂ ତାଙ୍କୁ ପିଠିରେ ଗୁଳି କରି ଦେଲେ ।

49 ଟଙ୍କା, ତାହା ସେହି ପ୍ରକାରର ଏକ ରାଷ୍ଟ୍ର ଅଟେ, ତାହା ସେହି ପ୍ରକାରର ଏକ ଅନୁଭୂତି ଅଟେ, ତାହା ସେହି ପ୍ରକାରର ଏକ ଆତ୍ମା ଅଟେ ଯାହାକି ଲୋକମାନଙ୍କ ଉପରେ କର୍ତ୍ତୃତ୍ୱ କରୁଅଛି ।

50 ତେବେ ଆପଣ ଦେଖିପାରନ୍ତି ଯେ ନୂତନ ଜନ୍ମ କେତେ ଜରୁରୀ ଅଟେ । "ଆପଣଙ୍କର ନୂତନ ଜନ୍ମ ହେବା ଜରୁରୀ ଅଟେ ।" ଏହା ହେବାକୁ ହିଁ ଅଛି । "ମୋ ପାଖକୁ ଆସ ଏବଂ ବିନା ଅର୍ଥରେ କିଣ ।"

51 ଆପଣ କହିପାରିବେ ନାହିଁ, "ମୋ ପାଖରେ ଟଙ୍କା ନ ଥିଲା ।" ଆପଣଙ୍କୁ କୌଣସି ଟଙ୍କାର ଦରକାର ନାହିଁ । ଏହା ତ ମାଗଣାରେ ଦିଆଯାଇଛି ।

52 ଆମେ ଆମେରିକୀୟମାନେ ସବୁକିଛି ବିଷୟ ପାଇଁ ଟଙ୍କା ଦେବାରେ ଏତେ ଅଧିକ ପ୍ରବୃତ୍ତ ଅଟୁ । ତାହା ଆମର ସ୍ଲୋଗାନ୍ ଅଟେ । "ଆମେ ଜିନିଷ ପାଇଁ ଦେୟ ଦେଇଥାଉ । ଆମ ପାଖରେ ଟଙ୍କା ଅଛି ।" ଆମର ଡଲାର ଟଙ୍କାକୁ ଅନ୍ୟ ଦେଶକୁ ଦେଖାଇ ଥାଉ, ଏବଂ ପ୍ରଭୃତି ସବୁ କରିଥାଉ, ଯେଉଁମାନେକି ଦରିଦ୍ର ଅଟନ୍ତି । ଚାଲି ଯାଆନ୍ତୁ, ଆପଣ ପର୍ଯ୍ୟଟକମାନଙ୍କୁ ଆସିବାର ଦେଖନ୍ତି, ସମସ୍ତେ ଉତ୍ତମ ପୋଷାକ ପରିହିତ ଏବଂ ଉଚ୍ଚ ବର୍ଗର । ଆମେରିକୀୟମାନେ ସେଥିରେ ପରିପୋଷିତ ହୁଅନ୍ତି । ସେହି ବିଷୟବସ୍ତୁ ପରମେଶ୍ୱରଙ୍କ ଦୃଷ୍ଟିରେ ଘୃଣ୍ୟ ଅଟେ । ତାହା ସ୍ୱର୍ଗକୁ ଆମମାନଙ୍କର ମାର୍ଗ କିଣି ଦେବ ନାହିଁ । ମାତ୍ର ଆମେରିକାରେ ସବୁକିଛି, ଆମକୁ ଅର୍ଥ ଦେଇ ଆମର ମାର୍ଗ ପ୍ରସ୍ତୁତ କରିବାକୁ ପଡ଼ିଥାଏ ।

53 ଆପଣ ରେଷ୍ଟୁରାଣ୍ଟକୁ ଯାଆନ୍ତି, ଏବଂ ଆପଣ ନିଜର ରାତ୍ରୀ ଭୋଜନ କରନ୍ତି । ଏବଂ ଯଦି ଆପଣ ସେହି ସେବିକାକୁ ପୁରଷ୍କାର ଦେବା ନିମନ୍ତେ, ମେଜ ଉପରେ ଟଙ୍କା ନ ରଖନ୍ତି, ତେବେ ତାର ସେହି ମୁଖମଣ୍ଡଳରେ ଆଖି ଉପରକୁ ଉଠିଯିବ, ଯେତେବେଳେକି ସେ କାମ କରୁଥିବା କମ୍ପାନୀ ଦ୍ୱାରା ତାଙ୍କୁ ଦରମା ଦିଆ ଯାଇଥାଏ । ଏବଂ ତାହା ପୁଣି ଆପଣଙ୍କର ସମଗ୍ର ଦେୟର ଅତିକମରେ ଦଶ ପ୍ରତିଶତ, କିମ୍ବା ଅଧିକ ହେବା ଉଚିତ୍ । ଯଦି ଆପଣ ତାହା ନ କରନ୍ତି, ତେବେ ସେହି ସେବିକା ଆପଣଙ୍କୁ ଜଣେ କୃପଣ କିମ୍ବା କୌଣସି ପ୍ରକାରର ଏକ—ଏକ ଅସୁଖୀ ବ୍ୟକ୍ତି ଭାବରେ ଅନାଇବେ । ଯେତେବେଳେକି, ସେ ତାର ଟଙ୍କା ପାଉଅଛି ।

ମୁଁ ଭାବୁଛି ଏହା କରିବା, ଏକ ଅପମାନ ଏବଂ ଲଜ୍ଜାଜନକ ବିଷୟ ଅଟେ। ମୁଁ ଭାବୁଛି ଯେ ଏହା ଦେଶ ଉପରେ ଏକ ଖରାପ ବିଚାର ଅଟେ। ପୂର୍ବରୁ, ଭଲ ଲୋକମାନେ ଥିଲେ, ଭଲ ସ୍ଥାନମାନ ରହିଥିଲା, ତାହା ସବୁ ଅନୁମତି ଦେଉ ନ ଥିଲେ। ମାତ୍ର ଏହା ସବୁକିଛି ଏକ ବଡ ଆମ୍ବା ନିକଟକୁ ଯାଉଅଛି।

54 ମୁଁ ଏକ ଟ୍ରେନରେ, ଗୋଟିଏ ଯାତ୍ରା ପାଇଁ ଯାଉଥିଲି। ଏବଂ ଜଣେ କୁଲି...ମୋର ଗୋଟିଏ ହାତରେ ଏକ ଛୋଟ ବ୍ରିଫକେସ୍ ଥିଲା, ଅନ୍ୟ ହାତରେ ଏକ ସୁଟକେସ୍ ଥିଲା, ଏବଂ ମୋର ଛୋଟ ଦାଢୀ କାଟିବାର ଜିନିଷକୁ ମୋର ବାହୁ ତଳେ ରଖିଥିଲି, ଓ ଚାଲୁଥିଲି। ସେହି କୁଲି ପାଖକୁ ଆସିଲା, କହିଲା, "କଅଣ ମୁଁ ଆପଣଙ୍କ ପାଇଁ ଏହାକୁ ବୋହିପାରେ?"

55 ମୁଁ କହିଲି, "ଓଃ, ମୁଁ ଠିକ ସେଠାକୁ ଟ୍ରେନ ପାଖକୁ ହିଁ ଯାଉଅଛି, ମହାଶୟ। ଆପଣଙ୍କୁ ଅନେକ ଅନେକ, ଧନ୍ୟବାଦ।" କେବଳ ପ୍ରାୟଃ, ଓଃ, ତିରିଶ ପାହା।

56 ସେ କହିଲା, "ମୁ ଏହାକୁ ନେଇଯିବି," ଏବଂ ସେ ଛୋଟ ଜିନିଷଟିକୁ ଉଠାଇ ନେଇ, ଚାଲିଗଲା।

57 ତେବେ, ଯେତେବେଳେ ସେ ଆସିଲା, ମୁଁ ଭାବିଲି ଯେ ବୋଧହୁଏ ମୁଁ...ମୁଁ ଜାଣିଥିଲି ଯେ ତାଙ୍କୁ ଦରମା ଦିଆଯାଏ, କିନ୍ତୁ ମୁଁ ତାକୁ କେବଳ ଏକ—ଏକ ଅଧା ଡଲାର ଟଙ୍କା ଦେଇଥାନ୍ତି। ସେ ବୋଧହୁଏ ଧରନ୍ତୁ, ମୋର ସାମଗ୍ରୀଗୁଡିକୁ, ନିଜ ପାଖରେ, ପ୍ରାୟଃ, ଗୋଟିଏ ମିନିଟ୍ ପାଇଁ ରଖିଥିଲା; ଏହି ଆରାଧନାଳୟର ଶେଷ ଅଗ ପର୍ଯ୍ୟନ୍ତ ସେତିକି ଲମ୍ବା, ଯେଉଁଠାରେକି ସେ ଟ୍ରେନରେ ଚଢିଥିଲା। ମୁଁ ପ୍ରଥମେ, ଟ୍ରେନରେ ଚଢି ଗଲି, ଏବଂ ତଳକୁ ହାତ ବଢାଇ ତାହା ନେଲି। ମୁଁ ତାକୁ ଅଧା ଡଲାର ଦେଲି।

ସେ କହିଲା, "ମାତ୍ର ଗୋଟିଏ ମିନିଟ୍!"

ମୁଁ କହିଲି, "ମହାଶୟ, କଅଣ ହେଲା?"

ସେ କହିଲା, "ମୁଁ ଆପଣଙ୍କ ପାଇଁ ତିନୋଟି ବ୍ୟାଗ ବୋହିଲି!"

ମୁଁ କହିଲି, "ହଁ, ମହାଶୟ, ତାହା ଠିକ୍ ଅଟେ। କଅଣ, କିଛି ଭୁଲ୍ ହେଲା କି?"

58 ସେ କହିଲା, "ମୋର ସର୍ବନିମ୍ନ ମୂଲ୍ୟ ହେଉଛି ଗୋଟିଏ ବ୍ୟାଗ ପିଛା ପ-ଚିଶ ପଇସା। ଆପଣ ମୋତେ ଆହୁରି ପ-ଚିଶ ପଇସା ଦେବେ।"

ଦେଖନ୍ତୁ, ତାହା ହେଉଛି ଆମେରିକୀୟ ସଭ୍ୟତା, ସବୁକିଛିର ମୂଲ୍ୟ ଦେବାକୁ ପଡିଥାଏ।

59 ଆପଣ ନିଜର କାର ଚଢି ଯାଆନ୍ତୁ ଆଉ ଯଦି ଏହା ଖାଲରେ ପଡ଼ିଯାଏ, ଏବଂ ଆପଣଙ୍କୁ ସାହାଯ୍ୟ କରି ଟାଣିବା ନିମନ୍ତେ ଆପଣ କାହାରିକୁ ପାଇ ଯାଆନ୍ତି। ଉତ୍ତମ ହେବ ଯେ ଆପଣ ଦେୟ ଦେବା ନିମନ୍ତେ ପ୍ରସ୍ତୁତ ହୋଇଯାଆନ୍ତୁ, କାରଣ ସେମାନେ ଏଥିପାଇଁ ଆପଣଙ୍କୁ ମୂଲ୍ୟ ମାଗିବାକୁ ଯାଉଅଛନ୍ତି। ଯଦି ଗୋଟିଏ ଗାଡି ଟାଣିବାର ଯାନ ଆସେ ଏବଂ ଆପଣଙ୍କୁ ବାହାର କରେ, ତାହାହେଲେ ସେ ଆପଣଙ୍କୁ ମାଇଲ ପିଛା ଏତେ *ଅଧିକ* ଅର୍ଥ ଲଗାଇବ। ଏବଂ

ଯଦି ସେହି କୃଷକ, ଦଶରୁ ନଅ ଥର, ତାର ଟ୍ରାକ୍ଟରକୁ ବାହାର କରେ, ତେବେ ତ ମାମଲାଟି ଏହାଠାରୁ ଅଧିକ ଖରାପ ହେବ।

60 ଆପଣ ଯାହା ସବୁ କରିବେ, ସେସବୁ ବିଷୟ ପାଇଁ ଆପଣଙ୍କୁ ଦେୟ ଦେବାକୁ ପଡିଥାଏ। ସବୁକିଛି ହେଉଛି "ଦେୟ ଦିଅ! ଟଙ୍କା! ଦେୟ ଦିଅ! ଟଙ୍କା!"

61 ଏବଂ ତଥାପି କେତେ ବଡ଼ ଖାଲରେ ପାପ ଆପଣଙ୍କୁ ପକାଇଅଛି! କିଏ ଆପଣଙ୍କୁ ପାପର ସେହି ଗର୍ତ୍ତରୁ ବାହାର କରିପାରିବ? ମାତ୍ର ପରମେଶ୍ୱର ଆପଣଙ୍କୁ ପାପର ଗର୍ତ୍ତରୁ ବାହାର କରନ୍ତି, ବିନା ଅର୍ଥରେ, ବିନା ମୂଲ୍ୟରେ, ଯେତେବେଳେକି ସେଠାରେ ଆପଣଙ୍କୁ ବାହାର କରିପାରିବା ପାଇଁ କେହି ହେଲେ ନାହାଁନ୍ତି।

62 ଯଦି ଆପଣ ନିଜର ଗାଡି ଟାଣିବାର ଯାନକୁ ସହୃଦୟରେ ଦେୟ ଦେବେ ନାହିଁ, ତେବେ ଆପଣ ସେହି ଖାଲରେ ପଡ଼ି ରହିଥିବେ। ଆପଣଙ୍କ ପାଖରେ ଟଙ୍କା ରହିବାକୁ ଅଛି ନୋହିଲେ ଆପଣ ସେହି ଖାଲରେ ପଡ଼ି ରହିଥିବେ।

63 ମାତ୍ର ସବୁଠୁ ମନ୍ଦ ଖାଲ ଯେଉଁଥିରେକି ଆପଣ କେବେ ପଡିଥାନ୍ତି, ତାହା ହେଉଛି ଶୟତାନ ଆପଣଙ୍କୁ ଯେଉଁଠାରେ ଫୋପାଡି ଦେଇଥାଏ, ପାପ ଏବଂ ଅବିଶ୍ୱାସର ସେହି ଖାଲରେ। ପରମେଶ୍ୱର ଇଚ୍ଛାକୃତ ଭାବରେ, ଆପଣଙ୍କୁ ବିନା ଅର୍ଥରେ, ବିନା ମୂଲ୍ୟରେ ବାହାରକୁ ଟାଣି ଆଣିବେ। ଏବଂ ତଥାପି ଆପଣ ଖାଲରେ ପଡ଼ି ରହିଥାନ୍ତି, ପାପରେ କେବଳ ଅସନା ହୋଇ ରହିଥାନ୍ତି, ଏବଂ ଏପରିକି ତାହାଙ୍କୁ ଡାକନ୍ତି ସୁଦ୍ଧା ନାହିଁ।

64 ଯେତେବେଳେ ଆପଣ ସେହି ଗାଡି ଟଣାଯିବାର ଯାନକୁ ପାଆନ୍ତି, ସାଧାରଣତଃ ସେମାନେ ସେହି ଖାଲରେ ଏକ ବଡ଼ ଶିଙ୍କୁଳିକୁ ତଳକୁ ପକାନ୍ତି, ଏହାକୁ ସେହି ଗାଡିର ବମ୍ପର ଚାରିପାଖରେ ଗୁଡ଼ାଇ ଦିଅନ୍ତି, ଏବଂ ଟାଣିବାକୁ ଆରମ୍ଭ କରନ୍ତି। ଏବଂ ସେହି କାରର ଶକ୍ତି ଟାଣିବାକୁ ଆରମ୍ଭ କରେ, ଏବଂ ମୋଟରଗୁଡିକ କାର୍ଯ୍ୟକ୍ଷମ ହେବାକୁ ଯାଏ, ଏବଂ ଆପଣଙ୍କୁ ବାହାରକୁ ଟାଣିଥାଏ।

65 ଯେତେବେଳେ ପରମେଶ୍ୱର ଆପଣଙ୍କୁ ପାପର ଗର୍ତ୍ତରେ ପାଆନ୍ତି, ଏବଂ ଆପଣଙ୍କୁ ତାହାଙ୍କୁ ଡାକିବାର ଶୁଣନ୍ତି, ସେ ଏକ ଶୃଙ୍ଖଳାକୁ ତଳକୁ ପଠାନ୍ତି ଯାହାକି କାଲଭରୀର ଚତୁଃପାର୍ଶ୍ୱରେ, ପରମେଶ୍ୱରଙ୍କ ପ୍ରେମରେ ଗୁଡାଇ ହୋଇ ରହିଥାଏ, ଏବଂ ଏହାକୁ ଆପଣଙ୍କ ହୃଦୟରେ ଲଗାଇ ଦିଅନ୍ତି, ଏବଂ ସେଠାରେ ପବିତ୍ରଆତ୍ମାଙ୍କର ଶକ୍ତିକୁ ରଖି ଦିଅନ୍ତି, ଓ ଟାଣିବାକୁ ଆରମ୍ଭ କରନ୍ତି। ଏବଂ ଏହା ଆପଣଙ୍କୁ କୌଣସି ଅର୍ଥ ଦେବାକୁ ପଡ଼େ ନାହିଁ। ଏବଂ ତଥାପି ଆମେମାନେ ଖାଲରେ ପଡ଼ି ରହିଥାଉ କାରଣ ଆମେ ଏହାକୁ ନିଜ ପକେଟରୁ ଦେଇ ନ ପାରୁ। ଆମେ ଆମେରିକୀୟମାନେ ଭାବିଥାଉ ଯେ ଆମେ ଏହାକୁ ଆମ ପକେଟରୁ ଦେଇପାରୁ, କିନ୍ତୁ ଆପଣ କରିପାରନ୍ତି ନାହିଁ। ଏହା ତ ବିନା ଅର୍ଥରେ ଓ ବିନା ମୂଲ୍ୟରେ ଅଟେ। ଆପଣ ଏହାକୁ ମଣ୍ଡଳୀରେ ଦିଅନ୍ତି ନାହିଁ। ଯୀଶୁ ଏହାର ମୂଲ୍ୟକୁ କାଲଭରୀରେ ପରିଶୋଧ କରିଥିଲେ। ମାତ୍ର ଲୋକମାନେ ଏଥି ଯୋଗୁଁ ଲଜ୍ଜିତ ଅଟନ୍ତି। ସେମାନେ ଏହାକୁ

ନିଜ ଉପାୟରେ ଚାହାଁନ୍ତି । ଆପଣଙ୍କ ପାଇଁ ଏହାକୁ ଗ୍ରହଣ କରିବା ନିମନ୍ତେ ପରମେଶ୍ୱରଙ୍କର ଏକ ଉପାୟ ଅଛି, ଏବଂ ଏହା ବିନା ମୂଲ୍ୟରେ ଅଟେ ଯଦି ଆପଣ ଏହାକୁ ଗ୍ରହଣ କରିବେ ।

66 ସାଧାରଣତଃ, ଯେତେବେଳେ ସେମାନେ ଆପଣଙ୍କୁ ଖାଲରୁ ଉପରକୁ ଟାଣନ୍ତି, ଆପଣ ସର୍ବତ୍ର ଖଣ୍ଡିଆ ଖାବରା ହୋଇଯାଆନ୍ତି, ଆପଣଙ୍କୁ ଡାକ୍ତରଖାନାକୁ, ଯିବାକୁ ପଡିଥାଏ । ଏବଂ ସେମାନେ ଆପଣଙ୍କ ଉପରେ କାମ କରିବାକୁ ଆରମ୍ଭ କରିବା ପୂର୍ବରୁ, ଏହା ପୂର୍ବେକି ଗୋଟିଏ ବି କାମ କରାଯାଏ, ସେମାନେ ପଚାରନ୍ତି, "କିଏ ମୂଲ୍ୟ ପରିଶୋଧ କରିବାକୁ ଯାଉଛନ୍ତି? ଯଦି ଆମେମାନେ କ୍ଷତ ସ୍ଥାନଗୁଡିକୁ ସିଲେଇ କରିବାକୁ ଯାଉଅଛୁ, ଯଦି ଆମେମାନେ ଔଷଧ ମଲମ ଢାଳିବାକୁ ଯାଉଅଛୁ, ଏବଂ ବିଷାକ୍ତ ରକ୍ତଠାରୁ ପ୍ରତିରୋଧକ ନିମନ୍ତେ—ନିମନ୍ତେ ଆପଣଙ୍କୁ ଇଞ୍ଜେକଶନ୍ ଦେବାକୁ ଯାଉଅଛୁ, ତେବେ ଆପଣଙ୍କଠାରେ କି ପ୍ରକାରର ଏକ ବୀମା ରହିଛି?" ଏହା ପୂର୍ବେକି ସେମାନେ ଗୋଟିଏ ବି ଜିନିଷ କରନ୍ତି, ଏହା ସେଠାରେ ଧାଡିରେ ଟଙ୍କା ରହିବା ଆବଶ୍ୟକ ।

67 କିନ୍ତୁ ଯେତେବେଳେ ଆମ ପ୍ରଭୁ ଆପଣଙ୍କର ହୃଦୟର ଚାରିପାଖରେ ନିଜର ପ୍ରେମର ଶୃଙ୍ଖଳାକୁ ଦେଇ ଦିଅନ୍ତି, ଏବଂ ଆପଣଙ୍କୁ ପାପର ଗର୍ତ୍ତରୁ ଟାଣି ବାହାର କରନ୍ତି, ସେ ପ୍ରତ୍ୟେକ ଭଙ୍ଗା ହୃଦୟକୁ ସୁସ୍ଥ କରନ୍ତି, ସମସ୍ତ ପାପକୁ ଦୂର କରି ଦିଅନ୍ତି । ଏବଂ ସେହି ଖର୍ଚ୍ଚଟି ଭୁଲିଯିବା ସମୁଦ୍ରରେ ପକାଇ ଦିଅନ୍ତି, ଯେପରିକି ଆପଣଙ୍କ ବିରୁଦ୍ଧରେ ଆଉ କିଛି ମନେ ରଖା ନ ଯାଏ । "ବିନା ଅର୍ଥରେ ଓ ବିନା ମୂଲ୍ୟରେ, ଆସ ।" ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଭୟଙ୍କର ଭାବରେ କ୍ଷତ ବିକ୍ଷତ ଅଟନ୍ତି, ଆପଣ କେତେ ଭୟଙ୍କର ଭାବରେ ଆଘାତପ୍ରାପ୍ତ ଅଟନ୍ତି, ଆପଣଙ୍କର ପରିବାର କିପରି କରିଛନ୍ତି, କିମ୍ବା ଆପଣ କଅଣ କରିଛନ୍ତି, ଏଥି ସହିତରେ କୌଣସି ମୂଲ୍ୟ ଦେବାର ନାହିଁ । ସେ ହୃଦାଘାତକୁ ସୁସ୍ଥ କରନ୍ତି, ଆପଣଙ୍କର ସମସ୍ତ ଦୁଃଖ ପୀଡାକୁ ଦୂର କରନ୍ତି । "ସେ ଆମର ଅପରାଧ ପାଇଁ କ୍ଷତବିକ୍ଷତ ହୋଇଥିଲେ, ଆମର ଅଧର୍ମ ପାଇଁ କୋରଡାଘାତ ଖାଇଥିଲେ; ଆମର ଶାନ୍ତିର ଦଣ୍ଡ ତାଙ୍କ ଉପରେ ବର୍ତ୍ତିଲା; ଏବଂ ତାଙ୍କର କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହେଲୁ ।" ଏହା ସବୁ ମାଗଣା ଅଟେ ।

68 ଏବଂ ଆମେ ଏହାକୁ ଗ୍ରହଣ କରିବୁ ନାହିଁ, କାରଣ ଆମେ ଭୁଲ୍ ଆତ୍ମା ଦ୍ୱାରା କର୍ତ୍ତୃତ୍ୱ କରା ଯାଉଅଛୁ । ଆମେ ପରମେଶ୍ୱରଙ୍କ ଆତ୍ମା, ପବିତ୍ରଆତ୍ମା ଦ୍ୱାରା କର୍ତ୍ତୃତ୍ୱ କରାଯିବା ପରିବର୍ତ୍ତେ, ଏକ ଜାତିର ଆତ୍ମା, ଜଗତର ଆତ୍ମା ଦ୍ୱାରା କର୍ତ୍ତୃତ୍ୱ କରା ଯାଇଅଛୁ, ଯେଉଁ ପବିତ୍ରଆତ୍ମାକି ଆମକୁ ଆଗେଇ ନିଅନ୍ତି ଏବଂ ସମସ୍ତ ସତ୍ୟତାକୁ କଢେଇ ନିଅନ୍ତି, ଏବଂ ବାଇବଲକୁ ସେହିପରି ଯଥାର୍ଥ କରନ୍ତି ।

69 କିଛି ସମୟ ପୂର୍ବରୁ, ମୁଁ ଜଣେ ଅବିଶ୍ୱାସୀ ସହିତ କଥା ହେଉଥିଲି । ସେ କହିଲା, "ଏହା ବିଷୟରେ ଚିନ୍ତା କରନ୍ତୁ, ଶ୍ରୀମାନ ବ୍ରାନହାମ୍ । ଜୀବନର ଏହି ସମସ୍ତ ଦୁଃଖ, ଏବଂ ଆମ ପାଖରେ ଥିବା ଏକମାତ୍ର ଜିନିଷ, ଯେ ଆମେମାନେ ଉଦ୍ଧାର କରାଯାଇଅଛୁ, ତାହା କୌଣସି ପୁରୁଣା ଯିହୁଦୀ ଲେଖା ଅଟେ ।"

70 "ଓଃ," ମୁଁ କହିଲି, "ମହାଶୟ, ହୋଇପାରେ ଯେ ତାହାହିଁ ସବୁକିଛି ଯାହାକି ଆପଣଙ୍କ ପାଖରେ ଅଛି, କିନ୍ତୁ ମୁଁ ଏହାଠାରୁ କିଛି ଅଧିକ ପାଇଅଛି । ମୁଁ ସେହି ଜଣକାର ଆତ୍ମା ପାଇଅଛି ଯିଏକି ଏହାକୁ ଲେଖିଥିଲେ, ଯାହାକି ଏହାକୁ ସୁନିଶ୍ଚିତ କରେ ଏବଂ ଏହାକୁ, ପ୍ରତିଟି ପ୍ରତିଜ୍ଞାକୁ ସେହିପରି ଯଥାର୍ଥ କରେ ।" ସେ ତାହାକୁ କିପରି ଗ୍ରହଣ କରିବେ ଜାଣି ନ ଥିଲେ ।

71 ଦେଖନ୍ତୁ, ଆପଣଙ୍କୁ ଆସିବାକୁ ପଡିଥାଏ ଏବଂ ବିନା ଅର୍ଥ, ବିନା ମୂଲ୍ୟରେ କିଣିବାକୁ ପଡିଥାଏ । ଏହାର କିଛି ମୂଲ୍ୟ ନାହିଁ । ଏହା ତ ତାଙ୍କ ପାଇଁ ମାଗଣା ଅଟେ "ଯିଏ କେହି ଇଚ୍ଛା କରିବ, ସେ ଆସୁ ।" ପରମେଶ୍ୱର ଆପଣଙ୍କୁ ଖାଲରୁ ଟାଣି ନିଅନ୍ତି ।

72 ଯେପରିକି ସୁନ୍ଦର ନାମକ ଫାଟକ ପାଖରେ ଥିବା ସେହି ବ୍ୟକ୍ତିଜଣକ । ସେ ତ ଶୟତାନ ଦ୍ୱାରା, ନିଜର ମାତୃ ଗର୍ଭରୁ ଗର୍ତ୍ତରେ ଫିଙ୍ଗା ଯାଇଥିଲେ ଯିଏକି ତାଙ୍କୁ ଗୋଡରେ ଅପଙ୍ଗ କରି ଦେଇଥିଲା । ତାଙ୍କର ଜୀବିକା ନିର୍ବାହ ଥିଲା ସେହି ପଥ ଦେଇ ଯାଉଥିବା ଲୋକମାନଙ୍କଠାରୁ ଭିକ୍ଷା ମାଗିବା । ଏବଂ ଯେତେବେଳେ ସେ ସେହି ସକାଳେ ଫାଟକରେ ବସିଥିଲେ, ସେ ଦୁଇଜଣ ପେଣ୍ଟିକଷ୍ଟାଲ୍ ପ୍ରଚାରକମାନଙ୍କୁ ଆସୁଥିବାର ଦେଖିଲେ । ସେମାନଙ୍କ ମଧ୍ୟରୁ କାହାରି ପାଖରେ ଗୋଟିଏ ଖଣ୍ଡ ମୁଦ୍ରା ମଧ୍ୟ ନ ଥିଲା, କାରଣ ସେ କହିଥିଲେ, "ରୂପା ମୋ ଠାରେ ନାହିଁ ।" ଏବଂ ଗୋଟିଏ ଖଣ୍ଡ ମୁଦ୍ରା ହେଉଛି ରୂପାର ସବୁଠାରୁ ଛୋଟ ଖଣ୍ଡ । "ରୂପା ଓ ସୁନା ମୋ ପାଖରେ ନାହିଁ ।"

73 ମୁଁ ଭାବୁଛି ଯେ ସେହି ବ୍ୟକ୍ତି ଏହିପରି କିଛି ଭାବିଥିବେ । "ମୋର ପାତ୍ର ବଢାଇବାର କୌଣସି ଆବଶ୍ୟକତା ନାହିଁ ।" ବୋଧହୁଏ ସେ ପର୍ଯ୍ୟାପ୍ତ ଅର୍ଥ ସଞ୍ଚୟ କରିବାକୁ ଚେଷ୍ଟା କରୁଥିଲେ । ତାଙ୍କୁ ଚାଳିଶ ବର୍ଷ ବୟସ ହୋଇଥିଲା, ଏବଂ ବୋଧହୁଏ ସେ ପର୍ଯ୍ୟାପ୍ତ ଅର୍ଥ ସଞ୍ଚୟ କରିବାକୁ ଚେଷ୍ଟା କରୁଥିଲେ, ଯେ ଚିକିତ୍ସକମାନେ ତାଙ୍କର ଚାଲିବା ନିମନ୍ତେ, ଏକ ଯୋଡ଼ି ସାହାରା ବାଡି ତିଆରି କରିପାରିବେ, ଯେହେତୁ, ସେ, ତାଙ୍କ ଗୋଡର ବଳା ଗଣ୍ଠିରେ ଦୁର୍ବଳ ଥିଲେ । ଏବଂ ବୋଧହୁଏ ଧାଡିରେ ରହିବା ପାଇଁ, ତାଙ୍କ ପାଖରେ ଟଙ୍କା ଥିବା ଆବଶ୍ୟକ ଥିଲା, ଏହା ପୂର୍ବେକି ଚିକିତ୍ସକମାନେ ତାଙ୍କୁ ସାହାଯ୍ୟ କରନ୍ତି । ଏବଂ ନିଶ୍ଚିତ ଭାବରେ ତାଙ୍କର ଏହି ପେଣ୍ଟିକଷ୍ଟାଲ୍ ପ୍ରଚାରକମାନଙ୍କ ନିକଟରେ ନିଜର ପାତ୍ରକୁ ବଢାଇବାର କୌଣସି ଆବଶ୍ୟକତା ନ ଥିଲା ଯେଉଁମାନଙ୍କ ପାଖରେ କିଛି ହେଲେ ନ ଥିଲା । ସେହି ସୁଯୋଗ, ସେମାନେ...ଯେ ସେହି ବ୍ୟକ୍ତିମାନଙ୍କଠାରୁ ଏକ ପଇସା ସୁଦ୍ଧା କେବେ ପାଇବାକୁ ସକ୍ଷମ ହେବେ, ଅତ୍ୟଧିକ କ୍ଷୀଣ ଥିଲା ।

74 କିନ୍ତୁ ଯେତେବେଳେ ସେ ସେମାନଙ୍କ ମୁହଁକୁ ଚାହିଁଲେ! ଜଣେ, ଯୁବାବସ୍ଥା ଏବଂ ଯୌବନରେ ଉଜ୍ଜ୍ୱଳ ଅଟନ୍ତି; ଅନ୍ୟ ଜଣକ, ବୃଦ୍ଧ ଏବଂ କୁଞ୍ଚିତ; ଯେତେବେଳେ ଯୋହନ... ଯେତେବେଳେ ପିତର ଏବଂ ଯୋହନ ଫାଟକ ନିକଟକୁ ଯାଇଥିଲେ । ସେ ସେହି ଯୁବା ଲୋକଙ୍କ ଭିତରେ କିଛି ଗୋଟାଏ ଦେଖିଥିଲେ । ଅର୍ଥାତ୍, ସେହି ଉଜ୍ଜ୍ୱଳ ଝଲସୁଥିବା ବିଷୟଟି ସାଧାରଣ ଅପେକ୍ଷା ଟିକିଏ ଅଧିକ ଥିଲା । ସେ ସେହି କୁଞ୍ଚନ ଏବଂ ଚିନ୍ତା ତଳେ, ଯାହାକି

ଗାଲିଲୀୟ ସୂର୍ଯ୍ୟର ଉତ୍ତାପ ସେହି ବୃଦ୍ଧ ମତ୍ସ୍ୟଜୀବୀଙ୍କ ମୁହଁକୁ ପୋଡି ଦେଇଥିଲା, ସେଠାରେ ଏକ "ଆନନ୍ଦ ଅକଥନୀୟ ଏବଂ ଗୌରବରେ ପରିପୂର୍ଣ୍ଣ ବିଷୟକୁ ଦେଖିଥିଲେ।" ସେ ଏପରି କିଛି ଦେଖିଥିଲେ ଯାହାକି ଟିକିଏ ଅଲଗା ଲାଗୁଥିଲା।

75 ଆପଣ ଜାଣନ୍ତି, ଯେ ଖ୍ରୀଷ୍ଟିଆନ ଧର୍ମ ବିଷୟରେ କିଛି ଗୋଟାଏ ଅଛି, ଯାହାକି ଲୋକମାନଙ୍କୁ ଭିନ୍ନ ଦେଖାଇଥାଏ। ସେମାନେ ସମସ୍ତ ଜଗତରେ ସବୁଠାରୁ ସୁନ୍ଦରତମ ଲୋକମାନେ ଅଟନ୍ତି।

ଏବଂ ସେ ତାଙ୍କର ପାତ୍ରକୁ ନେଲେ ଏବଂ ସେ ଏହାକୁ ବଢାଇ ଧରିଲେ।

76 ଏବଂ ପ୍ରେରିତ ପିତର, ସବୁଠାରୁ ବୃଦ୍ଧ ହୋଇଥିବାରୁ, କହିଥିଲେ, "ରୂପା ଓ ସୁନା ମୋ ପାଖରେ ନାହିଁ।" ଭିନ୍ନ ଅର୍ଥରେ, "ଏହି ସାହାରା ବାଡି କିଣିବା ପାଇଁ, ମୁଁ ଆପଣଙ୍କୁ କୌଣସି ପ୍ରକାରେ ସାହାଯ୍ୟ କରିପାରେ ନାହିଁ। ରୂପା ଓ ସୁନା ମୋ ପାଖରେ ନାହିଁ, କିନ୍ତୁ ମୋ ପାଖରେ ଯାହା ଅଛି!" ସେ ତାହାଙ୍କ ପାଖକୁ କିଣିବା ପାଇଁ ଯାଇଥିଲେ ଯାହାଙ୍କ ପାଖରେ ପରିତ୍ରାଣର ଦ୍ରାକ୍ଷାରସର ଆନନ୍ଦ ରହିଥିଲା। ସେ ବର୍ତ୍ତମାନ ହିଁ, ଦୁଇ କିମ୍ବା ତିନି ଦିନ ପୂର୍ବରୁ, ପେଣ୍ଟିକଷ୍ଟରୁ ଆସିଥିଲେ, ଯେଉଁଠାରେକି କିଛି ଗୋଟାଏ ଘଟିଥିଲା।

77 ଏବଂ ସେହି ଯୁବା ଲୋକଟି ଏହା ପ୍ରତି ଏକ ବଡ "ଆମେନ୍" ସହିତ ଡିଆଁ ମାରିଲେ, ଏବଂ ତାଙ୍କ ମୁହଁକୁ ଚାହିଁଲେ।

78 କଅଣ ଘଟିଥିଲା? ସେହି ସହାନୁଭୂତିର ଶୃଙ୍ଖଳା, ତାହାଙ୍କର ସେହି ଦୟା ଯିଏକି କହିଥିଲେ, "ମୁଁ ରୋଗୀମାନଙ୍କ ପ୍ରତି ଦୟା କଲି," ସେହି ସମାନ ଆତ୍ମା ସେହି ବୃଦ୍ଧ ମତ୍ସ୍ୟଜୀବୀଙ୍କ ହୃଦୟରେ ଘଟିଥିଲା। ସେ କହିଲେ, "ଯେତେ ଦୂର ଟଙ୍କାର କଥା ଅଛି, ମୋ ଠାରେ କିଛି ନାହିଁ, କିନ୍ତୁ ମୋ ପାଖରେ ଏପରି କିଛି ଅଛି ଯାହାକି ଏହାର ସ୍ଥାନକୁ ଏକ ଲକ୍ଷ ଥର ଗ୍ରହଣ କରି ନେବ। ଏହିପରି ବିଷୟ ମୋ ଠାରେ ଅଛି!"

79 ତେବେ ମନେରଖନ୍ତୁ, ପିତର ଜଣେ ଯିହୁଦୀ ଥିଲେ, ଏବଂ ସ୍ୱାଭାବିକ ଭାବେ, ସେମାନେ ଟଙ୍କାକୁ ଭଲ ପାଆନ୍ତି, ମାତ୍ର ଏହି ଯିହୁଦୀ ଜଣକ ପରିବର୍ତ୍ତିତ ହୋଇ ସାରିଥିଲେ। ଏପରି ନୁହେଁ ଯେ, "ଏହିପରି ବିଷୟ ମୋ ପାଖରେ ଅଛି, ମୁଁ ତୁମକୁ ବିକ୍ରି କରେ।"

80 ମାତ୍ର, "ଏହିପରି ବିଷୟ ମୋ ପାଖରେ ଅଛି, ମୁଁ ତୁମକୁ ଦିଏ! ଏହିପରି ବିଷୟ ମୋହର ଅଛି! ମୋ ପକେଟରେ ଗୋଟିଏ ବି ପଇସା ନାହିଁ। ମୁଁ ଗୋଟିଏ ରୁଟି କିଣି ପାରିବି ନାହିଁ। ମୁଁ କିଛି କିଣି ପାରିବି ନାହିଁ। ମୋ ପାଖରେ ପଇସାଟିଏ ନାହିଁ। କିନ୍ତୁ ଯଦି ତୁମେ ଏହାକୁ ଗ୍ରହଣ କରିପାର, ଏହିପରି ମୋହର ଅଛି, ମୁଁ ତୁମକୁ ତାହା ଦେବି କାରଣ ଏହା ମୋତେ ଦିଆଯାଇଥିଲା।" ତାହା ହିଁ ଅଟେ ଯାହା ଆମର ଆବଶ୍ୟକ। "ଏହିପରି ମୋହର ଅଛି, ମୁଁ ତୁମକୁ ଦିଏ।"

"ମହାଶୟ, ଆପଣଙ୍କ ପାଖରେ କଅଣ ଅଛି?"

81 “ମୁଁ ସେହି ବ୍ୟକ୍ତିଙ୍କ ପାଖରେ ରହିଅଛି ଯିଏକି ବିନା ମୂଲ୍ୟରେ, ଦୁଗ୍ଧ ଏବଂ ମଦ୍ଯ ବିକ୍ରୟ କରନ୍ତି । ମୁଁ ଏହାକୁ ତୁମକୁ ଦେବି । ଏଥିପାଇଁ ତୁମକୁ ମୋତେ କିଛି ଦେୟ ଦେବାକୁ ପଡ଼ିବ ନାହିଁ । ଯଦି ତୁମେ ଏହାକୁ ଗ୍ରହଣ କରିପାର, ମୁଁ ତୁମକୁ ଏହା ଦେବି । ଏପରି ଜଣକା ନୁହେଁ ଯିଏକି ଏହା ପାଇଁ ମୂଲ୍ୟ ମାଗିବ, ମାତ୍ର ଯେଉଁମାନେକି ଏହାକୁ ଦେବେ ।”

82 କାରଣ, “ତୁମେ ଯେପରି ମୁକ୍ତ ଭାବରେ ପ୍ରାପ୍ତ କରିଅଛ, ସେହିପରି ମୁକ୍ତ ଭାବରେ ଦିଅ ।” ଠିକ ଏହାର ତିନି ଦିନ ପୂର୍ବରୁ ହିଁ, ଏହା ତାଙ୍କ ପ୍ରଭୁଙ୍କର କାର୍ଯ୍ୟଭାର ଥିଲା । “ସମସ୍ତ ଜଗତକୁ ଯାଅ, ସୁସମାଚାର ପ୍ରଚାର କର । ଯେଉଁ ଲୋକ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ଉଦ୍ଧାରପ୍ରାପ୍ତ ହେବ; ଏବଂ ଯେଉଁ ଲୋକ ବିଶ୍ୱାସ କରେ ନାହିଁ ଦୋଷୀ ହେବ । ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁଗମନ କରିବ: ମୋ ନାମରେ ସେମାନେ ଭୂତମାନଙ୍କୁ ବାହାର କରିବେ; ସେମାନେ ନୂତନ ଭାଷାରେ କଥା କହିବେ; ଯଦି ସେମାନେ ପ୍ରାଣନାଶକ ବିଷୟ ପାନ କରନ୍ତି, ଏହା ସେମାନଙ୍କର କୌଣସି କ୍ଷତି କରିବ ନାହିଁ; ଯଦି ସେମାନେ ସର୍ପକୁ ଧରନ୍ତି, ଏହା ସେମାନଙ୍କୁ କୌଣସି ବ୍ୟଥିତ କରିବ ନାହିଁ । ଯେପରି ମୁକ୍ତ ଭାବରେ ତୁମେ ଏହାକୁ ପାଇଅଛ, ସେପରି ମୁକ୍ତ ଭାବରେ ଦିଅ ।” ସେହି ଯିହୁଦୀ ପରିବର୍ତ୍ତନ ହୋଇ ଯାଇଥିଲେ ।

83 ଆମେରିକାରେ ଆମମାନଙ୍କୁ ଯାହା ଦରକାର ତାହା ହେଉଛି, ଆମର କେତେକ ଧାର୍ମିକ ରୀତିନୀତି ବଦଳରେ ପବିତ୍ରଆତ୍ମାଙ୍କର ସେହି ସ୍ଥାନକୁ ଗ୍ରହଣ କରିବାର ଏକ ପରିବର୍ତ୍ତନ । “ଯେପରି ମୁକ୍ତ ଭାବରେ ତୁମେ ଏହାକୁ ପାଇଅଛ, ସେହିପରି ମୁକ୍ତ ଭାବରେ ଦିଅ ।”

84 “ଏହିପରି ବିଷୟ ମୋ ପାଖରେ ଅଛି, ମୁଁ ତୁମକୁ ଦିଏ: ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଉଠି ଚାଲ”; ସୃଷ୍ଟିକର୍ତ୍ତାଙ୍କର ସେହି ଅମିଶ୍ରିତ ନାମ ଉପରେ ବିଶ୍ୱାସ! କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ ଡିଆଁ ମାରି ଓ ଡେଇଁପଡି, ପରମେଶ୍ୱରଙ୍କୁ ପ୍ରଶଂସା ଦେଇ ଚାଲିଗଲେ!

85 ଓଃ, ଆପଣ ମହାନ ବିଷୟଗୁଡିକ ଜାଣିଛନ୍ତି, ସେ ହୁଏତ ସେଠାରେ ଚାଳିଶ ବର୍ଷ ଯାଏଁ ବସି ରହିଥିଲେ, ନିଜ ପାଇଁ କିଛି ସାହାରା ବାଡି କିଣିବା ହେତୁ ପର୍ଯ୍ୟାପ୍ତ ଅର୍ଥ ଏକତ୍ର କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସେ ତାହା କରିପାରି ନ ଥିଲେ । ମାତ୍ର ଠିକ ସେଠାରେ ସବୁଠୁ ଅପ୍ରତ୍ୟାଶିତ ସ୍ଥାନରେ, ଏବଂ ଅପ୍ରତ୍ୟାଶିତ ସମୟରେ, ଏବଂ ସବୁଠାରୁ ଅପ୍ରତ୍ୟାଶିତ ଭାବରେ, ଅଯୋଗ୍ୟ ଲୋକ ଭାବେ, ସେ ଯାହା ଚାହିଁଥିଲେ ତାହା ପାଇଲେ । ମୁଁ ବହୁତ ଖୁସି ଯେ ପରମେଶ୍ୱର ସେହିପରି ଭାବରେ ତାହା କରନ୍ତି ।

86 ଗୋଟିଏ ରାତି, ଏକ ଛୋଟ, ତଥା-କଥିତ ପବିତ୍ର-ପାଖଣ୍ଡ ଲୋକମାନଙ୍କ ଗୋଷ୍ଠୀ ମଧ୍ୟରେ, ମୁଁ ତାହା ପାଇଲି ଯାହା ମୁଁ ଚାହୁଁଥିଲି, ଯାହାକି ସେହି ଟଙ୍କା କିଣି ପାରିବ ନାହିଁ । ଅଶିକ୍ଷିତ, ଅପାଠୁଆ, ସାଧାରଣ ପୋଷାକ ପିନ୍ଧିଥିବା ଲୋକମାନଙ୍କର ଏକ ଗୋଷ୍ଠୀ ମଧ୍ୟରେ, ଆରମ୍ଭ କରିବା ପାଇଁ, ନିଗ୍ରୋମାନଙ୍କ ସହିତ, ଏକ ଛୋଟ ପୁରୁଣା ରୂପାନ୍ତରିତ ମଦଶାଳାରେ, ଚଟାଣ ଉପରେ, ମୁଁ ଏକ ମୂଲ୍ୟବାନ, ଏକ ମଣିକୁ ପାଇଲି; ଯେତେବେଳେ

ସେହି ପୁରୁଣା ଅଶ୍ୱେତ ବ୍ୟକ୍ତି ମୋ ମୁହଁକୁ ଚାହିଁ, କହିଲେ, "ତୁମେ ବିଶ୍ୱାସ କରିବା ପରଠାରୁ କଅଣ ପବିତ୍ରଆତ୍ମା ପାଇଅଛ କି?" ଓଃ, ଏହା ତ ଏପରି କିଛି ଥିଲା ଯାହା ମୁଁ ଚାହୁଁଥିଲି । ମୁଁ ଏହାକୁ ସେହି ଲୋକମାନଙ୍କ ମଧ୍ୟରେ ପାଇବାର ଆଶା କରୁ ନ ଥିଲି, ମାତ୍ର ତାହା ସେମାନଙ୍କ ପାଖରେ ରହିଥିଲା ଯାହା ମୋର ଆବଶ୍ୟକ ଥିଲା ।

87 ଆଜି ରାଷ୍ଟ୍ର ସଂଘ, ସେମାନେ ତାହା ଗ୍ରହଣ କରିବେ ନାହିଁ ଯାହା ଆମମାନଙ୍କ ପାଖରେ ଅଛି, କିନ୍ତୁ ତାହା ହିଁ ଅଟେ ଯାହାକି ସେମାନଙ୍କର ପ୍ରୟୋଜନୀୟ । କ୍ରୁଶ୍ଚେଭ, ବାକି ସମସ୍ତେ ସେମାନେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ, ଖ୍ରୀଷ୍ଟଙ୍କୁ ଆବଶ୍ୟକ କରନ୍ତି । ଏହା ସେମାନଙ୍କର ଆଭିମୁଖ୍ୟକୁ ପରିବର୍ତ୍ତନ କରିଦେବ । ଏହା ସେହି ପୁରୁଷମାନଙ୍କୁ, ଯାହାକୁ ସେମାନେ ଘୃଣା କରନ୍ତି, ଭାଇ କରିଦେବ । ଏହା ଲୋଭକୁ, ଏବଂ ଦୁଷ୍ଟତା ଓ ଝଗଡାକୁ ଦୂର କରି ଦେବ; ଏବଂ ପ୍ରେମ, ଓ ଆନନ୍ଦ, ଓ ଶାନ୍ତି, ଉତ୍ତମତା ଓ ଦୟାକୁ ରଖିଦେବ ।

88 ହଁ, ଅପ୍ରତ୍ୟାଶିତ ସ୍ଥାନମାନଙ୍କରେ, ବେଳେବେଳେ ଯେଉଁଠାରେକି ଆପଣ ତାହା ପାଇଥାଆନ୍ତି ଯାହା ଆପଣ ଖୋଜୁଥାନ୍ତି ।

89 ଇସ୍ରାଏଲ ସନ୍ତାନଗଣ ସେତେବେଳେ କଅଣ ଦେଇଥାନ୍ତେ (ମିସରର ସମସ୍ତ ଲୁଟ) ଯେତେବେଳେ ସେମାନଙ୍କର ଓଷ୍ଠ ରକ୍ତସ୍ରାବ ହେଉଥିଲା, ଯେତେବେଳେ ସେମାନଙ୍କର ଜିଭ ପାଟିରୁ ଝୁଲି ରହିଥିଲା? ସେମାନେ ଏକ ଭଲ ଥଣ୍ଡା ପାନୀୟ ଜଳ ନିମନ୍ତେ, ସେସମସ୍ତ ସୁନାକୁ ଦେଇ ଦିଅନ୍ତେ ଯାହା ସେମାନେ ମିସରୀୟମାନଙ୍କୁ ଲୁଟ କରି ଆଣିଥିଲେ । ପ୍ରାନ୍ତରରେ ସେମାନଙ୍କର ନେତାମାନେ ସେମାନଙ୍କୁ ଗୋଟିଏ ଜଳ କୁଣ୍ଡରୁ ଅନ୍ୟ ଜଳ କୁଣ୍ଡକୁ, ଗୋଟିଏ ଖାଲରୁ ଅନ୍ୟ ଝରଣାକୁ ନେଇ ଯାଇଥିଲେ, ମାତ୍ର ସେଗୁଡିକ ସବୁ ଶୁଖି ଯାଇଥିଲା ।

90 ତାହାପରେ ସେଠାରେ ଆସେ, ବିନା ଅର୍ଥରେ ଓ ବିନା ମୂଲ୍ୟରେ! ସେହି ରବ ଭବିଷ୍ୟଦ୍‌ବକ୍ତାଙ୍କ ସହ କଥା ହୋଇ କହିଲା, "ସେହି ଶୈଳକୁ କଥା କୁହ," ଯାହାକି ପ୍ରାନ୍ତରରେ ସବୁଠାରୁ ଶୁଷ୍କ ଜିନିଷ ଅଟେ, ଜଳଠାରୁ ସବୁଠୁ ଦୂରତମ ଜିନିଷ । ସେଠାରେ ସେମାନଙ୍କର ତୃଷା ଶାନ୍ତ ହେଲା, ବିନା ଅର୍ଥରେ ଓ ବିନା ମୂଲ୍ୟରେ । "ସେହି ଶୈଳକୁ କଥା କୁହ ।" ସେହି ଶୈଳକୁ ଟଙ୍କା ଦିଅ ନାହିଁ, କିନ୍ତୁ "ଶୈଳକୁ କଥା କୁହ ।"

91 ସେ ଆଜି ରାତି ମଧ୍ୟ ସେହି ଶୈଳ ଅଟନ୍ତି । ସେ କ୍ଳାନ୍ତ ଦେଶରେ ଏକ ଶୈଳ ଅଟନ୍ତି । ଯଦି ଆପଣ ସେହି କ୍ଳାନ୍ତ ଦେଶରେ ଯାତ୍ରା କରୁଛନ୍ତି, ସେହି ଶୈଳକୁ କଥା ହୁଅନ୍ତୁ । ତାଙ୍କୁ ଦେୟ ଦେବାକୁ ପଡିବ ନାହିଁ; ତାଙ୍କୁ କଥା କୁହନ୍ତୁ । ଏବଂ ସଙ୍କଟ ସମୟରେ ସେ ସର୍ବଦା ଉପସ୍ଥିତ ସାହାଯ୍ୟ ଅଟନ୍ତି । ଯଦି ଆପଣ ଅସୁସ୍ଥ ଅଟନ୍ତି, ସେହି ଶୈଳକୁ କଥା କୁହନ୍ତୁ । ଯଦି ଆପଣ ପାପ-ଗ୍ରସ୍ତ ଅଟନ୍ତି, ସେହି ଶୈଳକୁ କଥା କୁହନ୍ତୁ । ଯଦି ଆପଣ କ୍ଳାନ୍ତ ଅଟନ୍ତି, ସେହି ଶୈଳକୁ କଥା କୁହନ୍ତୁ ।

92 ଦେଖନ୍ତୁ, ଏହା ଏପରି ଦିଶୁଥିଲା ଯେପରିକି ଏହା ଯେକୌଣସି ସ୍ଥାନରେ ହେବ... ଏହା ଏପରି ଦେଖାଯାଉଥିଲା, ଯଦି ସେଠାରେ ସେହି ଛୋଟ ଛୋଟ ସ୍ଥାନରେ ଜଳ ନ ଥିଲା

ଯେଉଁଠାରେକି ସେହି ନିର୍ଝରମାନ ରହିଥିଲା, ତାହାହେଲେ ସେହି ପର୍ବତ ଉପରେ ସେହି ଶୈଳ ପାଖରେ କୌଣସି ଜଳ ରହିବ ନାହିଁ। ପରମେଶ୍ୱର ଜିନିଷଗୁଡିକୁ ଠିକ ତାର ବିପରୀତ ଭାବରେ କରନ୍ତି ଯାହା ମଣିଷ ଭାବୁଥାଏ। ପ୍ରାନ୍ତରରେ ସବୁଠାରୁ ଶୁଷ୍କ ସ୍ଥାନ, ସେହି ଶୈଳ, ମାତ୍ର ସେ କହିଲେ, "ସେହି ଶୈଳକୁ କଥା କୁହ।"

93 ଆଜି, ଲୋକମାନେ ଏତେ ପ୍ରତାରିତ ଅଟନ୍ତି। ସେମାନେ ଭାବନ୍ତି ଯେ ଯଦି ସେମାନେ ଯାଇ ସେମାନଙ୍କର ପ୍ରାର୍ଥନାକୁ କହି ଦେଇପାରିବେ, ସେମାନଙ୍କ ପାଇଁ କିଛି ପ୍ରାର୍ଥନା କରିବା ନିମନ୍ତେ ପୁରୋହିତଙ୍କୁ କିଛି ଦେୟ ଦେଇପାରିବେ, ସେମାନଙ୍କର ମାର୍ଗକୁ ଅର୍ଥ ଦେଇ ପ୍ରଶସ୍ତ କରିପାରିବେ। ଯଦି ସେମାନେ କୌଣସି ସ୍ଥାନରେ କିଛି ଗୋଟାଏ ବଡ ଗୀର୍ଜାଘର ନିର୍ମାଣ କରିବେ, ଏବଂ କୌଣସି ଧନୀ ବ୍ୟକ୍ତି ଏହାକୁ ପ୍ରାୟୋଜିତ କରିବେ, ଲୋଭ ଲାଳସାରେ ଜୀବନ ଯାପନ କରୁଥିବେ, ନିଜ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଅନ୍ୟ କାହାରିକୁ ରଖିଥିବେ, ସେ ଭାବନ୍ତି ଯେ ଏହାହିଁ ତାହା ଅଟେ। ପରମେଶ୍ୱର ଆପଣଙ୍କର ଅପରିଷ୍କାର ଟଙ୍କାକୁ ଚାହାଁନ୍ତି ନାହିଁ। ଯାହା ସବୁକିଛି ସେ ଚାହାଁନ୍ତି ତାହା ହେଉଛି ତାହାଙ୍କ ସହିତ କଥା ହେବା ନିମନ୍ତେ ଆପଣଙ୍କର ଭକ୍ତି ଏବଂ ଆପଣଙ୍କର ଜୀବନ। ପରମେଶ୍ୱର ଆପଣଙ୍କୁ ଟଙ୍କା ଦେଇଛନ୍ତି, ତାହାକୁ ଅତୃପ୍ତିକର ବିଷୟଗୁଡିକ ଉପରେ ଖର୍ଚ୍ଚ କରନ୍ତୁ ନାହିଁ। ଏହାକୁ ତୃପ୍ତିକର ବିଷୟଗୁଡିକ ଉପରେ ଖର୍ଚ୍ଚ କରନ୍ତୁ। ମାତ୍ର ପ୍ରକୃତ ତୃପ୍ତି ଆଣିବା ପାଇଁ, ଆପଣ ସେହି ଶୈଳ ସହିତ କଥା ନ ହେବା ପର୍ଯ୍ୟନ୍ତ ଆପଣ ଏହାକୁ ପାଇପାରିବେ ନାହିଁ।

94 ସେ ବିନା ମୂଲ୍ୟରେ ଓ ବିନା ଅର୍ଥରେ, ଜୀବନ-ପ୍ରଦାନକାରୀ ଜଳ ଆଣିଥିଲେ। ଆଉ ସେମାନେ ପାନ କଲେ, ଏବଂ ସେମାନଙ୍କର ଓଟମାନେ ପିଇଲେ, ଏବଂ ସେମାନଙ୍କର ପିଲାମାନେ ପିଇଲେ, ଏବଂ ତାହା ଏପର୍ଯ୍ୟନ୍ତ ପ୍ରାନ୍ତରରେ ପ୍ରବାହିତ ହେଉଥିବା ଏକ ଝରଣା ଅଛି।

95 ଏବଂ ଆଜି ମଧ୍ୟ ସେ ବିନଷ୍ଟ ହେଉଥିବା ଏକ ଲୋକମାନଙ୍କ ପାଇଁ, ଏହି କ୍ଲାନ୍ତ ଦେଶରେ, ସେହି ଶୈଳ ଅଟନ୍ତି। "ଯେକେହି ତାହାଙ୍କ ଉପରେ ବିଶ୍ୱାସ କରେ ସେ ବିନଷ୍ଟ ହେବ ନାହିଁ, ବରଂ ଅନନ୍ତ ଜୀବନ ପ୍ରାପ୍ତ ହେବ।"

96 ଧ୍ୟାନ ଦିଅନ୍ତୁ। ପ୍ରତିଦିନ ରାତିରେ, ସେମାନଙ୍କୁ ରୁଟି ବିଷୟରେ ଚିନ୍ତା କରିବାକୁ ପଡି ନ ଥିଲା। ସେମାନଙ୍କ ପାଖକୁ, ପ୍ରତ୍ୟେକ ଦିନ ରାତିରେ, ସତେଜ ଭାବରେ, ସେମାନଙ୍କର ରୁଟି ଅଣାଯାଉଥିଲା।

97 ଆମେମାନେ ଆଜି ଏକ ରୁଟି ଆଣିବାକୁ ଯାଉ। ଯଦି ଆପଣ ଜଣେ ଭିକାରୀ ଅଟନ୍ତି, ଏବଂ ଆପଣ ଏଠାରେ ଦୋକାନକୁ ଯାଆନ୍ତି, ଏବଂ କୁହନ୍ତି, "ମୁଁ ଗୋଟିଏ ଖଣ୍ଡ ରୁଟି ଚାହୁଁଛି।"

98 ସେ କହିବ, "ପ୍ରଥମେ, ମୋତେ, ତୁମର ଚାରିଅଣା ଦେଖାଅ। ଏହି ରୁଟି ପାଇଁ ମୋ ପାଖରେ ପ-ଚିଶ ପଇସା ରହିବା ଜରୁରୀ।"

99 ଏବଂ ଯେତେବେଳେ ଆପଣ ଏହା ପାଇଯାନ୍ତି ଆପଣ କଅଣ ପାଆନ୍ତି? ଏହା ମୂଳ ବସ୍ତୁଠାରୁ ଏକ ଅନ୍ୟ କିଛି ଅଟେ, କିନ୍ତୁ ଆପଣ ତାର ସର୍ବନିମ୍ନ ପାଇଥାନ୍ତି ଯାହା ଗହମ ଉତ୍ପନ୍ନ କରିପାରେ । ସେମାନେ ଏଥିରୁ ସମସ୍ତ ସେହି—ସେହି ଭିଟାମିନ୍ ବାହାର କରି ନିଅନ୍ତି, ସମସ୍ତ କିଛି ଚୋପା, ଏବଂ ଏହାକୁ ଘୁଷୁରୀକୁ ଦେଇ ଦିଅନ୍ତି । ତାହା ସହିତ ଏପରି ଏକ ଲେପନର ଗୁଣ୍ଡ ମିଶ୍ରଣ କରନ୍ତି ଯାହାକି ଚୋପାକୁ ଧରି ରହିଥାଏ, ଏବଂ ଏହାକୁ ବାହାର କରି ଦେଇଥାଏ, ଏବଂ ଏକ ରୁଟି ଖଣ୍ଡିଏ ତିଆରି କରେ, ଅନେକ ଥର ମଇଳା, ଅପରିଷ୍କାର ହାତରେ ତିଆରି ହୋଇଥାଏ । ଆପଣ ଦେଖନ୍ତୁ ଯେ ଆପଣଙ୍କ ରୁଟିରେ ଆପଣ କଅଣ ପାଆନ୍ତି, ଅନେକ ସମୟରେ, କେଶର ଏକ ଅଂଶ, ଏବଂ ଅନୈତିକ ଜିନିଷ, ଏବଂ ମୂଷା ଖଣ୍ଡ, ଏବଂ ଅନ୍ୟ ସମସ୍ତ ଜିନିଷ ଯାହାକି ସେହି ରୁଟି କାରଖାନାରେ ପଡ଼ି ରହିଥାଏ । ସାଂଘାତିକ ରୋଗରେ ପୀଡିତ ପାପମୟ ଲୋକ, ଏବଂ ସବୁକିଛି ବିଷୟ, ଏଥିରେ ମିଶ୍ରିତ ହୋଇ ରହିଥାଏ । ଯଦି ଆପଣ ଏହାକୁ ତିଆରି ହେଉଥିବାର ଦେଖିବେ, ତାହାହେଲେ ଆପଣ ତ ଏପରିକି ତାହାକୁ ଖାଇବେ ସୁଦ୍ଧା ନାହିଁ । ଏବଂ, ତଥାପି, ଆପଣ ନିଜର ପ-ଚିଶ ପଇସା ଦିଅନ୍ତି ନତୁବା ଆପଣ ତାହା ପାଇବେ ନାହିଁ ।

100 ଏବଂ ପରମେଶ୍ୱର ପ୍ରତ୍ୟେକ ଦିନ ରାତିରେ, ସ୍ୱର୍ଗଦୂତମାନଙ୍କ ହାତରେ ତିଆରି ରୁଟି ଦ୍ୱାରା ସେମାନଙ୍କୁ ଭୋଜନ କରାଇଥିଲେ; ବିନା ଅର୍ଥରେ, ବିନା ମୂଲ୍ୟରେ । ଏବଂ, ଆଜି, ସେହି ରୁଟି ଖ୍ରୀଷ୍ଟଙ୍କୁ, ଆତ୍ମିକ ଜୀବନକୁ ପ୍ରତିଚିତ୍ରଣ କରେ, ଯାହାକି ତାହାଙ୍କର ଜୀବନକୁ ଦେବା ପାଇଁ, ସ୍ୱର୍ଗରୁ ଓହ୍ଲାଇ ଆସିଥିଲା ।

101 ଏବଂ ପରମେଶ୍ୱର ତାହାଙ୍କର ସନ୍ତାନମାନଙ୍କୁ, ପ୍ରତିଦିନ, ଏକ ନୂତନ ଅନୁଭୂତି ଦିଅନ୍ତି । ଆପଣମାନଙ୍କର ମନେ ଥିବ, ଯଦି ସେମାନେ ସେହି ରୁଟି ରଖି ଦେଉଥିଲେ, ତାହା ଦୂଷିତ ହୋଇ ଯାଉଥିଲା ।

102 ଆପଣ କାହାରିକୁ ଏହି ବିଷୟରେ କଥାବାର୍ତ୍ତା କରୁଥିବାର ଶୁଣିଥାଆନ୍ତି, "ତେବେ, ମୁଁ ପାଇଅଛି…ମୁଁ ଆପଣଙ୍କୁ କହିବି । ମୁଁ ଜଣେ ଲୁଥରାନ୍ ଅଟେ । ମୁଁ ଜଣେ ପ୍ରେସବିଟେରିଆନ୍, ବାପ୍ଟିଷ୍ଟ ଅଟେ । ମୁଁ ଜଣେ ପେଣ୍ଟିକଷ୍ଟାଲ୍," ତାହା ତ କେବଳ ଏକ ପୁରୁଣା ହାତ-ତିଆରି ରୁଟି ଅଟେ । ତାହାହିଁ କେବଳ ସେଠାରେ ସବୁକିଛି ଅଟେ, ଠିକ ସେତିକି ଅପରିଷ୍କାର, ଏବଂ ମନୁଷ୍ୟମାନଙ୍କ ହାତରେ ତିଆରି ହୋଇଥିବା ପରି ଅଟେ ।

103 କିନ୍ତୁ ଯେତେବେଳେ ଆପଣ ଏକ ସାକ୍ଷ୍ୟର ଅନୁଭୂତିକୁ, ତାଜା ତାଜା ଶୁଣନ୍ତି, "ଆଜି ସକାଳେ, ପ୍ରାର୍ଥନାରେ, ପବିତ୍ରଆତ୍ମା ମୋ ଆତ୍ମାକୁ ନୂତନ ଭାବରେ ବାପ୍ତିଜିତ କଲେ," ଓଃ, ଭାଇ, ତାହା ସ୍ୱର୍ଗଦୂତମାନଙ୍କର ଭୋଜନ ଅଟେ । ସେ ସେମାନଙ୍କୁ ସ୍ୱର୍ଗରୁ, ପ୍ରତିଦିନ, ସତେଜ ଭୋଜନ ଖାଇବାକୁ ଦିଅନ୍ତି ।

ଆଶୀର୍ବାଦର ବୃଷ୍ଟି ଆମେ ଆବଶ୍ୟକ କରୁଅଛୁ;
ଦୟାର ଟୋପା ଆମ ଚାରିପାଖରେ ପଡୁଅଛି,

ମାତ୍ର ବର୍ଷା ପାଇଁ ଆମେ ନିବେଦନ କରୁଅଛୁ ।

104 ଓଃ, ହଁ, ହେ ପ୍ରଭୁ, ସ୍ୱର୍ଗରୁ ତାଜା ତାଜା ଜୀବନର ରୁଟି, ସେହି ଖ୍ରୀଷ୍ଟଙ୍କୁ ପଠାଅ । ଏହାକୁ ମୋ ହୃଦୟରେ ପକାଅ, ଏବଂ ମୋତେ ତାହାଙ୍କର ମହାନ ଉପସ୍ଥିତିକୁ ଉପଭୋଗ କରିବାକୁ ଦିଅ ।

105 ନିଶ୍ଚିତରେ, ସେମାନେ ଧନ୍ୟବାଦୀ ଥିଲେ । ସେମାନେ କୃତଜ୍ଞ ହୋଇଥିଲେ । ଏବଂ ଯେକୌଣସି ପୁରୁଷ କିମ୍ବା ସ୍ତ୍ରୀ ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଅଛନ୍ତି, ଏବଂ ପବିତ୍ରଆତ୍ମା ଗ୍ରହଣ କରିଥାନ୍ତି, ସେ ସର୍ବଦା କୃତଜ୍ଞ ରହିବେ । ଯାହା ହେଉ ନା କାହିଁକି, ଆପଣ କୃତଜ୍ଞ ରହିବେ ।

106 ଯେପରିକି ପର୍ବତାଞ୍ଚଳରେ ଥିବା ସେହି ଛୋଟ, ଅନ୍ଧ ବାଳକ, ଛୋଟ ବେନି, ସେ ଜନ୍ମ ହୋଇଥିଲା । ପ୍ରାୟଃ ଆଠ ମାସ ବୟସରେ, ତାର ଆଖି ଉପରେ ମୋତିଆବିନ୍ଦୁ ବଢିବାକୁ ଲାଗିଲା । ତାର ପିତାମାତା ଗରିବ ଥିଲେ । ସେମାନେ ଏକ ପାହାଡର ପାର୍ଶ୍ୱରେ ଏକ ପୁରୁଣା ମାଟି ଘରେ ରହୁଥିଲେ । ଏବଂ ସେମାନେ ଜାଣିଥିଲେ ଯେ ସେହି ଅସ୍ତ୍ରୋପଚାର ଛୋଟ ବେନିର ଆଖିକୁ ରକ୍ଷା କରିପାରିବ, ଯେଣୁ ସେ ଦେଖିପାରିବ । ସେ ତେବେ ପ୍ରାୟଃ ବାର ବର୍ଷର ବାଳକ ହୋଇଥିଲା । ତାର ପିତାମାତା ବଡ଼ କଷ୍ଟରେ ବର୍ଷକ ପାଇଁ ସେମାନଙ୍କର ରୁଟି ଏବଂ ମାଂସ ହେତୁ ଯଥେଷ୍ଟ ଅର୍ଜନ କରି ପାରିଥିଲେ । ସେମାନେ ଅସ୍ତ୍ରୋପଚାର ନିମନ୍ତେ ସକ୍ଷମ ହୋଇପାରି ନ ଥିଲେ ।

107 ସମସ୍ତ ପଡୋଶୀମାନେ, ଏକାଠି, ଛୋଟ ବେନିକୁ ଅନ୍ଧ ଭାବରେ, ସେଠାରେ ଥିବା ସେହି ଛୋଟ ଛୋଟ ପିଲାମାନଙ୍କ ସହିତ ଖେଳିବାକୁ ଚେଷ୍ଟା କରୁଥିବାର ଦେଖିଲେ । ସେ କଅଣ କରୁଥିଲା ତାହା ସେ ଦେଖିପାରୁ ନ ଥିଲା । ସେମାନେ ଦୁଃଖିତ ଅନୁଭବ କରିଥିଲେ । ଏବଂ ସେହି ବର୍ଷ, ପ୍ରତ୍ୟେକ ଜଣ, ଫସଲର ଟିକିଏ ଅତିରିକ୍ତ ଅଂଶ ରୋପଣ କଲେ । ସେମାନେ ସୂର୍ଯ୍ୟ ଉତ୍ତାପରେ ଟିକିଏ ଅଧିକ କଠିନ ପରିଶ୍ରମ କଲେ । ଏବଂ ଯେତେବେଳେ ଫସଲ ଶରତ ଋତୁରେ ବିକ୍ରି ହେଲା, ସେମାନେ ସେହି ଟଙ୍କାକୁ ନେଲେ ଏବଂ ଛୋଟ ବେନିଙ୍କୁ ଟ୍ରେନରେ ବସାଇଲେ, ଓ ତାଙ୍କୁ ଡାକ୍ତରଙ୍କ ନିକଟକୁ ପଠାଇଲେ ।

108 ସେମାନେ ସଫଳତାର ସହ ଅସ୍ତ୍ରୋପଚାର କଲେ । ଏବଂ ଯେତେବେଳେ ସେ ଫେରି ଆସିଲା, ଛୋଟ ବେନି ଟ୍ରେନରୁ ଓହ୍ଲାଇବା ବେଳେ ସମସ୍ତ ପଡ଼ୋଶୀମାନେ ତାର ଚାରି ପାଖରେ ଏକତ୍ରିତ ହେଲେ । ତାର ଛୋଟ ଛୋଟ, ଉଜ୍ଜ୍ୱଳ ଆଖି ଚମକୁ ଥିଲା । ସେ ସେମାନଙ୍କ ମୁହଁକୁ ଚାହିଁଲା ବେଳେ, ଚିତ୍କାର କରି କାନ୍ଦିବାକୁ ଲାଗିଲା ।

109 ଜଣେ ଖଲାସୀ କହିଲେ, "ପୁଅରେ, ସେହି ଅସ୍ତ୍ରୋପଚାର ପାଇଁ ତୁମର କେତେ ଖର୍ଚ୍ଚ ହେଲା?"

110 ସେ କହିଲା, "ଶ୍ରୀମାନ, ମୁଁ ଜାଣେ ନାହିଁ ଯେ ତାହା ଏହି ଲୋକମାନଙ୍କର କେତେ ଖର୍ଚ୍ଚ ହୋଇଅଛି । କିନ୍ତୁ ମୁଁ ବହୁତ ଖୁସି ଯେ ମୁଁ ସେମାନଙ୍କ ଚେହେରା ଦେଖିପାରୁଛି, ଯେଉଁମାନେକି

ମୂଲ୍ୟ ଦେଇଛନ୍ତି ।"

111 ଠିକ ସେହିପରି ଭାବରେ ଆମେମାନେ ଅନୁଭବ କରୁ । ମୁଁ ଜାଣେ ନାହିଁ ଯେ ଏହା ପରମେଶ୍ୱରଙ୍କୁ କଅଣ ମୂଲ୍ୟ ଲାଗିଲା । ମୁଁ ଜାଣେ ସେ ତାହାଙ୍କର ସର୍ବଶ୍ରେଷ୍ଠ, ନିଜର ପୁତ୍ରଙ୍କୁ ମୋ ପାଇଁ ପ୍ରଦାନ କରିଦେଲେ । କିନ୍ତୁ ମୁଁ ଏହି ଆତ୍ମିକ ଦୃଷ୍ଟିଶକ୍ତି ପାଇଁ ଅତ୍ୟଧିକ କୃତଜ୍ଞ ଅଟେ, ଯେ ମୁଁ ତାହାଙ୍କର ମୁହଁକୁ ଦେଖିପାରେ ଏବଂ ଜାଣିପାରେ ଯେ ସେ ମୋ ପାଇଁ ମରିଥିଲେ । ମୁଁ ଜାଣେ ନାହିଁ ଯେ ଏହା ତାହାଙ୍କୁ କେତେ ମୂଲ୍ୟ ଦେବାକୁ ପଡ଼ିଥିଲା । ଆମ ପାଖରେ ତାହା ଆକଳନ କରିବାର ମଧ୍ୟ କୌଣସି ଉପାୟ ନାହିଁ । ସେହି ମୂଲ୍ୟଟି ବହୁତ ଅଧିକ ଅଟେ । ମୁଁ ଆପଣମାନଙ୍କୁ ଏହା କହିପାରିବି ନାହିଁ ଯେ ଏହା କିପରି ଅଟେ । କିନ୍ତୁ ମୁଁ ଧନ୍ୟବାଦୀ ଅଟେ । ମୁଁ କୃତଜ୍ଞ ଅଟେ, ଯେ, ଯେଉଁଠାରେ ମୁଁ ଏକଦା ଅନ୍ଧ ଥିଲି, ବର୍ତ୍ତମାନ ମୁଁ ଦେଖି ପାରୁଅଛି ।

112 ମୁଁ କୃତଜ୍ଞ ଯେ ଯେତେବେଳେ ମାୟୋ ବ୍ରଦର୍ସ ମୋତେ କହିଥିଲେ ଯେ ମୋର ସମୟ ହୋଇଯାଇଛି, ଯେତେବେଳେ ଡାକ୍ତରମାନେ ମୋତେ ପ-ଚିଶ ବର୍ଷ ପୂର୍ବେ, କହିଥିଲେ ଯେ ମୁଁ ଆଉ ଅଧିକ ବଞ୍ଚି ପାରିବି ନାହିଁ, ମୁଁ ଆଜି ମଧ୍ୟ ବଞ୍ଚିଅଛି । ମୁଁ ଜାଣେ ନାହିଁ ଯେ ଏହା ପରମେଶ୍ୱରଙ୍କୁ କେତେ ମୂଲ୍ୟ ଦେବାକୁ ପଡିଥିଲା, କିନ୍ତୁ ମୁଁ କୃତଜ୍ଞ ଯେ ମୁଁ ଜୀବିତ ଅଟେ ।

113 ଥରେ ମୁଁ ଜଣେ, ପାପର ବନ୍ଧନରେ, ହୃଦୟ ଯନ୍ତ୍ରଣା ସହିତ, ମୃତ୍ୟୁକୁ ଭୟ କରୁଥିବାର ଜଣେ ପାପୀ ଥିଲି । ମାତ୍ର, ଆଜି, ମୃତ୍ୟୁ ହେଉଛି ମୋର ବିଜୟ । ହାଲ୍ଲେଲୁୟା! ଏହା ମୋତେ କେବଳ ତାହାଙ୍କ ଉପସ୍ଥିତିରେ ଆଣିଥାଏ ଯାହାଙ୍କୁ ମୁଁ ପ୍ରେମ କରେ, ଯେପରିକି ମୁଁ ତାହାଙ୍କ ମୁଖକୁ ଚାହିଁପାରେ । ସେ ଏକ ଅସ୍ତ୍ରୋପଚାର ଦ୍ୱାରା, ସେହି ବିଷୟଟିକୁ ବଦଳାଇ ଦେଲେ, ସେ ମୋର ହୃଦୟକୁ ନେଇ ଏହାକୁ ନୂତନୀକୃତ କରି ଦେଲେ । ମୁଁ ଜାଣେ ଯେ ମୋ ସହିତ କିଛି ଗୋଟାଏ ଘଟିଅଛି ।

114 ଗତ ଶରତ ରୁତୁ, ମିନେସୋଟାରେ ଏକ ଖବରକାଗଜରେ, ସେଠାରେ ଏକ ଛୋଟ ପିଲା ଥିଲା ଯିଏକି ସାଇକେଲ ନେଇ ରବିବାର ଶ୍ରେଣୀର ଶିକ୍ଷା ନିମନ୍ତେ, ମଣ୍ଡଳୀକୁ ଯାଉଥିଲା । ପାଖ ପଡୋଶରେ ଥିବା ଅନ୍ୟ ଜଣେ ଯୁବା ପିଲା, ତାଙ୍କର ରବିବାର ଶ୍ରେଣୀର ଶିକ୍ଷା ସହିତ କୌଣସି କାରବାର ନ ଥିଲା, ସେ ତାଙ୍କର ଝିଅ ବନ୍ଧୁକୁ ନେଇ ସ୍କେଟିଂ କରିବାକୁ ଯାଇଥିଲେ । ଏବଂ ସେହି ବ୍ୟକ୍ତି ଜଣକ ବୟସ୍କ ବ୍ୟକ୍ତି ଥିଲେ, ଏବଂ ସେ ପତଳା ବରଫରେ ଖସି ଗଲେ ଓ ପଡ଼ିଗଲେ । ସେ ସେହି ଦିନ ସକାଳେ ରାସ୍ତାରେ ଯାଉଥିବାବେଳେ ସେହି ଛୋଟ ପିଲା ଉପରେ ହସିଥିଲେ, ତାଙ୍କ ଝିଅ ବନ୍ଧୁକୁ କହିଥିଲେ, କହିଲେ, "ତାହା ପାଗଳମାନଙ୍କର ଏକ ଗୋଷ୍ଠୀ ସେହି ଗୀର୍ଜାକୁ ଯାଉଅଛନ୍ତି ।" ଏବଂ ଯେତେବେଳେ ସେ ବରଫରେ ପଡ଼ିଗଲେ, ତାଙ୍କ ଝିଅ ବନ୍ଧୁ ତାଙ୍କଠାରୁ ଦୂରରେ ଥିଲେ । ସେ ହାଲୁକା ଥିଲେ; ସେ ବଞ୍ଚି ଗଲେ । ମାତ୍ର ଯେତେବେଳେ ସେ ଆସି ବରଫ ଉପରେ ନିଜର ହାତକୁ ରଖିଲେ, ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇ, ବରଫ ଉପରେ ପଡ଼ି ରହିଲେ ।

115 ତାଙ୍କର ଝିଅ ବନ୍ଧୁ ତାଙ୍କ ପାଖକୁ ପହଞ୍ଚିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେ ବହୁତ ଓଜନିଆ

ଥିଲେ, ସେ ବରଫକୁ ଭାଙ୍ଗି-ପକାଇଥାନ୍ତେ। ସେ ତାଙ୍କ ଝିଅ ବନ୍ଧୁଙ୍କୁ ପାଟି କରି କହିଲେ, "ଫେରି ଯାଅ! ଫେରି ଯାଅ! ତୁମେ କେବଳ ପଡ଼ିବ, ଏବଂ ଆମେ ଦୁହେଁ ବୁଡ଼ିଯିବା।" ସେ ଚିତ୍କାର କଲେ, ସେ କାନ୍ଦିଲେ, ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ କିଛି ହେଲେ ନ ଥିଲା।

116 କିଛି ସମୟ ପରେ, ପାହାଡ ଉପରେ, ଗୋଟିଏ ଛୋଟ ସାଇକେଲ, ପେଡାଲ ମାରି ଆସିଲା, ଜଣେ ସାନ ବାଳକ ତାଙ୍କ ହାତରେ ବାଇବଲ ଧରି ଆସୁଥିଲା। ସେହି ସାନ ବାଳକ ସେହି ଚିତ୍କାରକୁ ଶୁଣିଥିଲା, ଏବଂ ସେ ତାର ଛୋଟ ସାଇକେଲକୁ ଶୀଘ୍ର ଚଲାଇଲା। ତାର ବାଇବଲକୁ ତଳେ ଥୋଇଦେଲା, ଏବଂ ବରଫ ଉପରେ ଦୌଡ଼ିଗଲା। ସେ ତାର ଭଲ ପୋଷାକ ପିନ୍ଧିଥାଇ, ନିଜର ଛୋଟ ପେଟରେ ଗୁରୁଣ୍ଡି ଗୁରୁଣ୍ଡି ଆସିଲା, ଯେପର୍ଯ୍ୟନ୍ତକି ସେ ସେହି ବ୍ୟକ୍ତିର ହାତକୁ ଧରି ନ ନେଲା, ଏବଂ ତାଙ୍କୁ ଟାଣିବାକୁ ଜାରି ରଖିଲା, ଯେପର୍ଯ୍ୟନ୍ତକି ସେ ତାଙ୍କୁ ବରଫରୁ ସମ୍ପୂର୍ଣ୍ଣ ଟାଣି ନ ନେଲା। ବାହାରକୁ ଦୌଡି ଯାଇ ଗୋଟିଏ କାରକୁ ଅଟକାଇଲା। ସେମାନେ ଗୋଟିଏ ଆମ୍ବୁଲାନ୍ସକୁ ଡାକି ତାଙ୍କୁ ଡାକ୍ତରଖାନାକୁ ନେଇଗଲେ।

117 ସେ ଯାଇ ଆମ୍ବୁଲାନ୍ସର ମୂଲ୍ୟ ଦେବା ପରେ, ନିମୋନିଆ ଔଷଧ ଏବଂ ସେ ନେଇଥିବା ଅନ୍ୟାନ୍ୟ ଜିନିଷ ପାଇଁ ଡାକ୍ତରମାନଙ୍କୁ ଦେୟ ଦେଇ ସାରିବା ପରେ, ସେ ସେହି ସାନ ବାଳକ ପାଖକୁ ଆସିଲେ। ସେ କହିଲେ, "ପୁଅରେ, ମୁଁ ତୁମର କେଉଁ ବିଷୟରେ ଋଣୀ ଅଟେ?"

ସେ କହିଲେ, "କିଛିରେ ନୁହେଁ।"

118 ସେ କହିଲେ, "ମୋର ଜୀବନ ତୁମର ଋଣୀ ଅଟେ।" ଏହା ବିଷୟରେ ଚିନ୍ତା କରନ୍ତୁ। ଟଙ୍କା ଏହାକୁ ମୂଲ୍ୟ ଦେଇ ପାରିବ ନାହିଁ। ଏହା ତାଙ୍କ ଜୀବନ ଥିଲା।

119 ଠିକ ସେହି ପ୍ରକାରେ ହିଁ ଆମର ପରମେଶ୍ୱରଙ୍କ ପ୍ରତି ଅନୁଭୂତି ରହିବା ଉଚିତ୍। କୌଣସି ଜିନିଷରେ ଆମର ମାର୍ଗକୁ କିଣିବା ବିଷୟ ନୁହେଁ; ମାତ୍ର ଆମେମାନେ ନିଜର ଜୀବନକୁ ପରମେଶ୍ୱରଙ୍କଠାରେ ଋଣୀ କରିଅଛୁ, କାରଣ ଆମେମାନେ ପାପର ଗର୍ତ୍ତରେ ମରୁଥିଲୁ ଏବଂ ଧସି ଯାଉଥିଲୁ। ପରମେଶ୍ୱର ଆପଣା ବାହୁ ଏବଂ ପୋଷାକକୁ ମୋ ଚତୁଃପାର୍ଶ୍ୱରେ ରଖିଲେ।

> ମୁଁ ପାପରେ ଗଭୀର ଭାବରେ ବୁଡ଼ି ଯାଉଥିଲି,
> ଶାନ୍ତିପୂର୍ଣ୍ଣ କୂଳଠାରୁ ବହୁ ଦୂରରେ,
> ଭିତରେ ଯାହାର ବହୁତ ଗଭୀର ଦାଗ,
> ଏପରି ବୁଡିଯାଏ ଯେ ଆଉ ଉଠି ନ ପାରେ;
> ମାତ୍ର ସମୁଦ୍ରର ସେହି ଗୁରୁ
> ମୋର ହତାଶ କ୍ରନ୍ଦନକୁ ଶୁଣିଲେ,
> ମୋତେ ଜଳରୁ ଉଠାଇଲେ,
> ବର୍ତ୍ତମାନ ମୁଁ ସୁରକ୍ଷିତ ଅଟେ।

120 ମୋ ଜୀବନ ତାହାଙ୍କଠାରେ ରୁଣୀ ଅଟେ । ଆପଣଙ୍କର ଜୀବନ ମଧ୍ୟ ତାହାଙ୍କଠାରେ ରୁଣୀ ଅଟେ । ତାହାଙ୍କୁ ସେବା କରିବା ନିମନ୍ତେ, ଆପଣଙ୍କର ଜୀବନ ତାହାଙ୍କଠାରେ ରୁଣୀ ଅଟେ; ଏହାକୁ ଦେବା ପାଇଁ, ଚଲାବୁଲା କରି ନିଜର ନାମଧାରୀ ସଂସ୍ଥା ବିଷୟରେ ଗର୍ବ କରିବା ପାଇଁ ନୁହେଁ; ବାହାରି ଯାଇ ଅନ୍ୟମାନଙ୍କୁ ସମାଲୋଚନା କରିବା ପାଇଁ ନୁହେଁ; ବରଂ ଅନ୍ୟମାନଙ୍କୁ ସେବା କରିବା ପାଇଁ ଏବଂ ବଞ୍ଚାଇବାକୁ ଚେଷ୍ଟା କରିବା ପାଇଁ ଅଟେ, ଏବଂ ସେମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନରେ ଆଣିବାକୁ ଚେଷ୍ଟା କରିବା ପାଇଁ ଅଟେ ।

121 ସେହି ଅପବ୍ୟୟ ପୁତ୍ର । ଶେଷ କରିବାରେ, ମୁଁ ଏହା କହିପାରେ । ଯେତେବେଳେ ସେ ତାର ସମସ୍ତ ସମ୍ପତ୍ତିକୁ, ପିତାଙ୍କର ସମ୍ପତ୍ତିକୁ, କଦାଚାରରେ ବ୍ୟୟ କରିଦେଲା, ଏବଂ ଯେତେବେଳେ ସେ ଘରକୁ ଫେରୁଥିଲା...ସେ ଏକ ଘୁଷୁରୀ ଶାଳାରେ ପଡ଼ି ରହିଥିଲା, ଏବଂ ସେ ନିଜ ଚେତାକୁ ଫେରି ଆସିଥିଲା । ଏବଂ ସେ କହିଲା, "ମୋ ପିତାଙ୍କ ଗୃହରେ, କେତେ ଦାସମାନେ ଅଛନ୍ତି, ଯାହାଙ୍କ ପାଖରେ ଯଥେଷ୍ଟ ଅଛି, ଏବଂ ଏଠାରେ ମୁଁ ଅଭାବରେ, ମରୁଅଛି ।" କଅଣ ହେବ ଯଦି ସେ ଏହା କହିବାକୁ ଚେଷ୍ଟା କରିଥାଆନ୍ତା, "ଆଶ୍ଚର୍ଯ୍ୟ କରେ ଯଦି ମୋ ପାଖରେ କିଛି ଟଙ୍କା ଥାଆନ୍ତା ତାହାହେଲେ ମୁଁ ବାପାଙ୍କୁ ଫେରସ୍ତ କରି ପାରିଥାନ୍ତି (ଯାହା ମୁଁ କଦାଚାରରେ ବ୍ୟୟ କରି ଦେଇଅଛି)?" ମାତ୍ର ସେ ତାଙ୍କର ପିତାଙ୍କ ସ୍ୱଭାବକୁ ଜାଣିଥିଲେ, ଏବଂ ସେ କହିଲେ, "ମୁଁ ଉଠି ମୋ ବାପାଙ୍କ ପାଖକୁ ଯିବି ।"

122 ପିତା କେବେ ବି କହିଲେ ନାହିଁ, "ପୁଅରେ, ଗୋଟିଏ ମିନିଟ୍ ଅପେକ୍ଷା କର! କଅଣ ତୁ ମୋର ଟଙ୍କା ଆଣୁଅଛୁ କି?" ନା । ସେ କଦାପି ତାର ପାପ ପାଇଁ ତାକୁ ଦୋଷୀ କଲେ ନାହିଁ । ସେ ଅତ୍ୟନ୍ତ ଖୁସି ଥିଲେ ଯେ ସେ ଫେରି ଆସୁଥିଲା । ସେ ଖୁସି ଥିଲେ ଯେ ସେ ତାର ଚେତାକୁ ଫେରି ଆସିଥିଲା, କାରଣ ସେ ତାଙ୍କର ପୁତ୍ର ଥିଲା । ସେ ତାଙ୍କର ନିଜର ସନ୍ତାନ ଥିଲା । ସେ ଖୁସି ଥିଲେ ଯେ ସେ ଘରକୁ ଫେରିବାର ତାର ମାର୍ଗରେ ଥିଲା । ତେବେ, ସେ ତାର ପାପକୁ ସମର୍ଥନ କଲେ ନାହିଁ, ମାତ୍ର ସେ ଖୁସି ଥିଲେ ଯେ ଯେତେବେଳେ ସେ ନିଜ ଚେତାକୁ ଫେରି ଆସିଲା ଓ କହିଲା, "ମୁଁ ମୋର ପରମେଶ୍ୱରଙ୍କ ସମ୍ମୁଖରେ, ଓ ମୋ ପିତାଙ୍କ ସମ୍ମୁଖରେ ପାପ କରିଅଛି । ମୁଁ ଉଠି ତାଙ୍କ ପାଖକୁ ଯିବି ।"

123 ଆଉ ଯେତେବେଳେ ପିତା ତାକୁ, ବହୁତ ଦୂରରେ ଦେଖିଲେ, ସେ ଦୌଡ଼ିଯାଇ ତାକୁ ଚୁମ୍ବନ କଲେ । ଏବଂ ସେ କହିଲେ, "ହୃଷ୍ଟ ପୃଷ୍ଟ ଗୋବତ୍ସକୁ ବଧ କର," ବିନା ଅର୍ଥରେ । "ସର୍ବୋତ୍ତମ ପୋଷାକ ଆଣ," ବିନା ଅର୍ଥରେ । "ମୁଦ୍ରିକା ଆଣ," ବିନା ଅର୍ଥରେ, "ଏହାକୁ ତାର ଆଙ୍ଗୁଠିରେ ଦିଅ । ଆସ ଭୋଜନ, ପାନ କରିବା, ଏବଂ ଆନନ୍ଦ କରିବା, କାରଣ ମୋର ଏହି ପୁଅ ହଜି ଯାଇଥିଲା ଏବଂ ବର୍ତ୍ତମାନ ମିଳିଅଛି । ସେ ମରି ଯାଇଥିଲା, ଏବଂ ସେ ପୁଣିଥରେ ଜୀବିତ ଅଟେ । ଆସୁ ଆମେ ସେହି ବିଷୟରେ ଖୁସି ହେବା ।"

124 ବନ୍ଧୁଗଣ, ବନ୍ଦ କରିବାରେ, ମୁଁ ଏହା କହିପାରେ । ଏକମାତ୍ର ଜିନିଷ ଯାହା ସନ୍ତୁଷ୍ଟ କରେ, ପ୍ରକୃତ ଜିନିଷମାନ କେବଳ ଯାହା ସେଠାରେ ଅଛି, ଭଲ ଜିନିଷମାନ ଯାହା ସେଠାରେ

କେବଳ ଅଛି, ତାହା ଟଙ୍କାରେ କିଣା ଯାଇପାରେ ନାହିଁ। ତାହା ତ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ପରମେଶ୍ୱରଙ୍କ ମାଗଣା ଉପହାର ଅଟେ: ଆତ୍ମାର ପରିତ୍ରାଣ; ଆନନ୍ଦ। ଆସ ଏବଂ ଭୋଜନ କର, ଓ ସନ୍ତୁଷ୍ଟ ହୁଅ।

*ଅଖାଦ୍ୟ ଦ୍ରବ୍ୟ ନିମନ୍ତେ ତୁମ୍ଭେମାନେ କାହିଁକି ରୂପା ବ୍ୟୟ କରୁଅଛ? ଓ ଯାହା ତୃପ୍ତିକର ନୁହେଁ, ତହିଁ ପାଇଁ କାହିଁକି ତୁମ୍ଭେମାନେ ପରିଶ୍ରମ କରୁଅଛ? ମନୋଯୋଗ କରି ଆମ୍ଭର କଥା ଶୁଣ, ଓ...ଉତ୍ତମ ଦ୍ରବ୍ୟ ଭୋଜନ କର, ଓ ପୁଷ୍ଟିକର ଦ୍ରବ୍ୟରେ ତୁମ୍ଭମାନଙ୍କର ପ୍ରାଣକୁ ସନ୍ତୁଷ୍ଟ ହେବାକୁ ଦିଅ।*

*କର୍ଣ୍ଣ ଡେର, ଓ ଆମ୍ଭ ନିକଟକୁ ଆସ: ଶୁଣ, ତହିଁରେ ତୁମ୍ଭମାନଙ୍କର ପ୍ରାଣ ବଞ୍ଚିବ; ପୁଣି ଆମ୍ଭେ ତୁମ୍ଭମାନଙ୍କ ସହିତ ଏକ ନିତ୍ୟସ୍ଥାୟୀ ନିୟମ, ଅର୍ଥାତ ଦାଉଦଙ୍କ ପ୍ରତି ନିଶ୍ଚିତ ଦୟା ସ୍ଥିର କରିବା।*

125 ସମସ୍ତକିଛି ବିଷୟ ଯାହାକି ଚିରସ୍ଥାୟୀ, ସମସ୍ତକିଛି ବିଷୟ ଯାହାକି ଉତ୍ତମ, ସମସ୍ତକିଛି ବିଷୟ ଯାହାକି ସୁଖକର, ସମସ୍ତକିଛି ବିଷୟ ଯାହାକି ଅନନ୍ତ, ତାହା ମାଗଣା ଅଟେ, ଏବଂ ଆପଣଙ୍କୁ କିଛି ମୂଲ୍ୟ ଦେବାକୁ ପଡ଼େ ନାହିଁ। ଏହି ପୁସ୍ତକକୁ ଲେଖିବାର ଶେଷରେ, ଏହା କୁହେ, "ଯିଏ କେହି ଇଚ୍ଛା କରନ୍ତି, ସେ ଆସି ଜୀବନର ନିର୍ଝରର ଜଳରୁ, ମୁକ୍ତ ଭାବରେ ପାନ କରୁ," ବିନା ଅର୍ଥରେ, ବିନା ମୂଲ୍ୟରେ। ଯାହା ତୃପ୍ତିକର ନୁହେଁ ତହିଁ ପାଇଁ କାହିଁକି ଆପଣମାନେ ପରିଶ୍ରମ କରୁଛନ୍ତି, ଏବଂ ପ୍ରକୃତ ବିଷୟସବୁ ଯାହାକି ମାଗଣାରେ, ତୃପ୍ତ କରେ, ଆପଣ ନିଜେ ଅସଂରକ୍ଷିତ ଭାବେ ଛାଡ଼ି ଦେଉଛନ୍ତି?

ଆସନ୍ତୁ ପ୍ରାର୍ଥନା କରିବା।

126 ଯେତେବେଳେକି ଆପଣ ନୀରବ ରହି ପ୍ରାର୍ଥନାରେ ଅଛନ୍ତି, କଅଣ ଆଜି ସକାଳେ, ଏଠାରେ, ଏହି ଭବନରେ କେହି ଅଛନ୍ତି କି, ଯେଉଁମାନେ ସେହି ଝରଣାରୁ ପାନ କରି ନାହାଁନ୍ତି, ପୁଣି ଜଗତର ଇଚ୍ଛାମାନ ଏବେ ସୁଦ୍ଧା ଆପଣଙ୍କ ଜୀବନରେ ରହିଛି, ଏବଂ କଅଣ ଆପଣ ନିଜର ପାନ କରିବାର ସ୍ଥାନକୁ, ଆଜି ସକାଳେ, କିମ୍ବା ଆପଣଙ୍କର ଟଙ୍କା ରଖିବାର ସ୍ଥାନକୁ ପରିବର୍ତ୍ତନ କରିବାକୁ ଚାହିଁବେ କି? କଅଣ ଆପଣ ଆସି ପରମେଶ୍ୱରଙ୍କଠାରୁ, (ବିନା ଅର୍ଥରେ, ବିନା ମୂଲ୍ୟରେ), ମଦ୍ଯ ଏବଂ ଦୁଗ୍ଧ, ଦ୍ରାକ୍ଷାରସର ଆନନ୍ଦ କିଣିବାକୁ ଚାହିଁବେ କି? କଅଣ ଆପଣ ନିଜର ହାତ ଉତ୍ତୋଳନ କରି, କହିବେ କି, "ଆପଣ ପ୍ରାର୍ଥନା କଲାବେଳେ, ମୋତେ ସ୍ମରଣ କରିବେ, ଭାଇ ବ୍ରାନହାମ୍"? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଆଜ୍ଞା। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ। ଅନ୍ୟମାନେ କେହି ଅଛନ୍ତି କି ଯେଉଁମାନେକି ଏହା କହିବେ, "ଆପଣ ପ୍ରାର୍ଥନା କଲାବେଳେ, ମୋତେ ସ୍ମରଣ କରିବେ, ଭାଇ ବ୍ରାନହାମ୍"?

127 ଆପଣମାନଙ୍କ ମଧ୍ୟରୁ କେତେକ ଯୁବା ଲୋକ, ହଁ, ଯେଉଁମାନେକି ନିଜର ଜୀବନକୁ ନଷ୍ଟ କରିଦେଇଛନ୍ତି। ସେହି—ସେହି—ସେହି ସମୟମାନ ଯାହାକି ମାଆ ଆପଣଙ୍କ

ପାଇଁ ପ୍ରାର୍ଥନାରେ ବିତାଇଥିଲେ, ଏବଂ ବାପା, ସେହି ସମସ୍ତ ଶିକ୍ଷା ଯାହାକି ଆପଣଙ୍କୁ ଦିଆଯାଇଥିଲା, ଏବଂ ତଥାପି ଆପଣ ଶୟତାନର ଫୁସ୍‌ଫୁସ୍‌କୁ ଶୁଣିବା ପାଇଁ, ଏହାକୁ ଅନ୍ୟତ୍ର କରି ଦେଇଅଛନ୍ତି । ବର୍ତ୍ତମାନ ଆପଣ ଜଗତର ସଂଗୀତକୁ, ଜଗତର ବିଷୟବସ୍ତୁକୁ ଚାହୁଁଛନ୍ତି । ଏବଂ ଆପଣ ନିଜ ଚେତାକୁ ଫେରୁଛନ୍ତି, ଯେପରିକି ଅପବ୍ୟୟ ପୁତ୍ର ସେହି ଘୁଷୁରୀଶାଳାରେ ଫେରିଥିଲା । କଅଣ ଆପଣ ନିଜର ହାତ ଉଠାଇବେ, ଭଉଣୀ, ଭାଇ, ଏବଂ କହିବେ କି, "ପରମେଶ୍ୱର, ମୋତେ ମନେରଖ । ଆଜି ସକାଳେ, ମୋତେ ମୋର ଚେତାକୁ ଫେରାଇ ଆଣ, ମୋତେ ପିତାଙ୍କ ଘରକୁ ଆସିବାକୁ ଦିଅ"? ଏହା ଆପଣଙ୍କୁ ଗୋଟିଏ ଜିନିଷର ବି ମୂଲ୍ୟ ଲାଗିବ ନାହିଁ । ସେ ଆପଣଙ୍କୁ ଆଶା କରୁଛନ୍ତି । ଯାଏ ଆସେ ନାହିଁ ଯେ ଆପଣ କଅଣ କରିଛନ୍ତି, "ଯଦିଓ ତୁମର ପାପ ଲାଲ ରଙ୍ଗର ଥାଏ, ସେଗୁଡ଼ିକ ହିମ ପରି ଶୁଭ୍ର ହୋଇଯିବ; ଗାଢ଼ ନାଲି ରଙ୍ଗ ପରି ଲାଲ ଥିବ, ତାହା ପଶମ ପରି ଧଳା ହୋଇଯିବ ।" ଯେଉଁମାନେ ଈଶ୍ୱରୀୟ ଉପସ୍ଥିତିରେ ଅଛନ୍ତି, କଅଣ ସେମାନେ ନିଜର ହାତକୁ ଉଠାଇବେ କି?

128 ଯେଉଁମାନେ ଅସୁସ୍ଥ ଏବଂ ଅଭାବୀ ଅଛନ୍ତି, କୁହନ୍ତୁ, "ମୁଁ—ମୁଁ ଏକ ଖାଲରେ ପଡ଼ିଯାଇଛି । ଶୟତାନ ମୋ ପ୍ରତି—ପ୍ରତି ଅନିଷ୍ଟ କରିଅଛି । ସେ ମୋତେ ପଙ୍ଗୁ କରି ଅସୁସ୍ଥ କରିଦେଇଛି, କିମ୍ବା ସେହିପରି କିଛି । ମୁଁ ଚାହେଁ, ଆଜି ସକାଳେ, ଯେ ପରମେଶ୍ୱରଙ୍କ ବିଶ୍ୱାସର ଶୃଙ୍ଖଳା ମୋ ହୃଦୟ ଭିତରକୁ ଆସିଯାଉ, ଯାହାକି ମୋତେ ଏହି ଖାଲରୁ ଟାଣି ବାହାର କରି ଆଣିବ, ଯେପରି ସୁନ୍ଦର ନାମକ ଫାଟକ ପାଖରେ ଥିବା ସେହି ବ୍ୟକ୍ତି ଜଣକଙ୍କ ସହିତରେ ହୋଇଥିଲା ।" ନିଜର ହାତ ଉଠାନ୍ତୁ । ପରମେଶ୍ୱର ଆପଣ ପ୍ରତ୍ୟେକଙ୍କୁ, ଆଶୀର୍ବାଦ କରନ୍ତୁ ।

129 ପ୍ରଭୁ, ଏହି ଘଟିକାରେ, ମୁଁ ସେମାନଙ୍କୁ ତୁମ ପାଖକୁ ଆଣୁଅଛି, ଯେଉଁମାନେକି ସେମାନଙ୍କର ପାପ କ୍ଷମା ନିମନ୍ତେ, ନିଜର ହାତଗୁଡିକୁ ଉଠାଇଛନ୍ତି । ତୁମେ ହିଁ ପରମେଶ୍ୱର ଏବଂ ଏକାକୀ ପରମେଶ୍ୱର ଅଟ । ଠିକ ସେହି ସ୍ଥାନରେ ଯେଉଁଠାରେ ସେମାନେ ବର୍ତ୍ତମାନ ବସିଛନ୍ତି, ସେହିଠାରେ ହିଁ ତୁମେ ସେମାନଙ୍କ ସହିତ କଥା ହୋଇଥିଲ । ସେହିଠାରେ ହିଁ ତୁମେ ସେମାନଙ୍କୁ ବିଶ୍ୱାସ କରାଇଥିଲ ଯେ ସେମାନେ ଭୁଲ୍ ଅଟନ୍ତି, ଯେତେବେଳେ ବାକ୍ୟ ତାର ସ୍ଥାନ ପାଇଥିଲା, ଏବଂ ପବିତ୍ରଆତ୍ମା କହିବାକୁ ଆରମ୍ଭ କରିଥିଲେ, ଓ କହିଲେ, "ତୁମେ ଭୁଲ୍ ଅଟ । ଫେରି ଯାଅ, ଏବଂ ପୁନର୍ବାର ପିତା ପରମେଶ୍ୱରଙ୍କ ନିକଟକୁ ଆସ ।" ଏବଂ ସେମାନେ ନିଜର ହାତ ଉଠାଇଥିଲେ, ଏହା ଦେଖାଇବା ନିମନ୍ତେ ଯେ ସେମାନେ ଏହି ପାର୍ଥିବ ଘୁଷୁରୀଶାଳାରୁ ବାହାରି, ପିତାଙ୍କ ଘରକୁ ଆସିବାକୁ ଚାହୁଁଥିଲେ, ଯେଉଁଠାରେକି ପ୍ରାଚୁର୍ଯ୍ୟତା ଅଛି, ଯେଉଁଠାରେ ସେମାନଙ୍କୁ କିଛି ଆଣିବାର ଆବଶ୍ୟକତା ନାହିଁ । ଯେପରିକି କବି ଭଲ ଭାବରେ ବ୍ୟକ୍ତ କରିଛନ୍ତି, "ମୋ ହାତ ଆଞ୍ଜୁଳିରେ ମୁଁ କିଛି ନେଇ ଆସି ନାହିଁ, କେବଳ ତୁମ କ୍ରୁଶକୁ ମୁଁ ଆଲିଙ୍ଗନ କରି ରହିଅଛି ।" ଏହା ହେଉ ଯେ ସେମାନେ ମଧୁରତାର ସହ, ନମ୍ର ଭାବରେ ଆସନ୍ତୁ, ଏବଂ ଦୋଷୀ ଅନୁଭବ କରନ୍ତୁ, ଏବଂ ନିଜ ଜୀବନକୁ ସମର୍ପଣ କରନ୍ତୁ । ଏବଂ ତୁମେ ସର୍ବୋତ୍ତମ ପୋଷାକ ଆଣିବ; ଏବଂ ଗୋଟିଏ ମୁଦ୍ରିକା ଆଣିବ, ଏବଂ ସେମାନଙ୍କର ଆଙ୍ଗୁଠିରେ ପିନ୍ଧାଇ ଦେବ; ଏବଂ ସେମାନଙ୍କୁ ହତ ହୋଇଥିବା ମେଷଶାବକଙ୍କ ମାନ୍ନାରେ

ପରିପୋଷିତ କରିବ । ହେ ପ୍ରଭୁ, ଏହା ପ୍ରଦାନ କର ।

130 ସେଠାରେ ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ଅସୁସ୍ଥ ଏବଂ ପୀଡିତ ଅଟନ୍ତି । ସେମାନେ ଅଭାବୀ ଅଟନ୍ତି । ଶୟତାନ ସେମାନଙ୍କୁ ଏକ ଖାଲରେ ପକାଇ ଦେଇଛି, ଏଥିରେ ସନ୍ଦେହ ନାହିଁ, ଯେ ଅସ୍ତ୍ରୋପଚାର ପାଇଁ ଅର୍ଥର ଅଭାବ ଅଛି । ଏଥିରେ କୌଣସି ସନ୍ଦେହ ନାହିଁ, ବୋଧହୁଏ, ସେମାନଙ୍କ ମଧ୍ୟରୁ ଅନେକେ ଅସ୍ତ୍ରୋପଚାର ହୋଇପାରିବେ ନାହିଁ । ହୋଇପାରେ ଯେ ଡାକ୍ତର ସେହି କାରଣକୁ ହଟାଇପାରନ୍ତି ନାହିଁ ଯଦିଓ ତାଙ୍କ ପାଖରେ ଏତେ ଅଧିକ ପରିମାଣର ଟଙ୍କା ରହିଅଛି । କିନ୍ତୁ ତୁମ୍ଭେ ପରମେଶ୍ୱର ଅଟ । ଏବଂ ମୁଁ ଏହି ଘଟିକାରେ ପ୍ରାର୍ଥନା କରୁଅଛି ଯେ, ବର୍ତ୍ତମାନ ବସିଥିବା ବେଳେ ଉପସ୍ଥିତ ପବିତ୍ରଆତ୍ମାଙ୍କ ଅଭିଷେକ ଅଧୀନରେ, ଯେ ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସୁସ୍ଥ କରିବ । ସେମାନେ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ, ପ୍ରତ୍ୟେକ ବିଷୟରେ, ସୁସ୍ଥ ହୁଅନ୍ତୁ ।

131 ଯଦି ସେମାନଙ୍କର ଆନନ୍ଦ ନାହିଁ; ସେମାନଙ୍କ ପରିତ୍ରାଣର, ସେମାନେ ଏହାକୁ ଆଉ ଅଧିକ ଉପଭୋଗ କରିପାରୁ ନାହାଁନ୍ତି । ଯେପରିକି ପୁରାତନ ସମୟରେ, ଦାଉଦ କହିଥିଲେ, "ମୋର ପରିତ୍ରାଣର ଆନନ୍ଦକୁ ପୁନଃସ୍ଥାପନ କର ।" ହେଉ ଯେ ସେମାନେ ତାଙ୍କର ଅନ୍ଧକାର ଏବଂ କ୍ଲାନ୍ତ ପାଇଁ, ଆନନ୍ଦ ଏବଂ ସୁଖକୁ ପ୍ରାପ୍ତ କରନ୍ତୁ, କାରଣ ତୁମେ କ୍ଲାନ୍ତ ଦେଶରେ ଏକ ଶୈଳ ଅଟେ । ଝଡ଼ ତୋଫାନ ସମୟରେ ତୁମେ ଏକ ଆଶ୍ରୟସ୍ଥଳ ଅଟ । ଯେତେବେଳେ ଶୟତାନ ପ୍ରତ୍ୟେକ ରୋଗକୁ ଏବଂ କ୍ଷେପଣାସ୍ତ୍ରକୁ ସେମାନଙ୍କ ଉପରେ ପକାଇଥାଏ, ସେତେବେଳେ ସେହି ଝଡ଼ ସମୟରେ ତୁମେ ଏକ ଆଶ୍ରୟସ୍ଥଳ ଅଟ । ପରମେଶ୍ୱର, ତାହା, ଆଜି ହେଉ, କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗିଥାଉ । ଆମେନ୍ ।

ମୃଦୁତା ଏବଂ କୋମଳ ଭାବରେ ଯୀଶୁ ଡାକୁଛନ୍ତି,
ଆପଣଙ୍କୁ, ମୋତେ ଡାକୁଛନ୍ତି
ଯଦିଓ ଆମେ ପାପ କରିଛୁ, ତାହାଙ୍କଠାରେ ଦୟା ଏବଂ କ୍ଷମା ଅଛି,
ଆପଣଙ୍କ ପାଇଁ ଏବଂ ମୋ ପାଇଁ କ୍ଷମା ଅଛି ।

ଘରକୁ ଆସ...

132 ବର୍ତ୍ତମାନ, ଯଦି ଆପଣ ଇଚ୍ଛା କରନ୍ତି, ଯେ ଯଜ୍ଞବେଦୀକୁ ଆସି ଆଣ୍ଠୁମାଡି ବସିବା ପାଇଁ, ଆମେ ହୁଏତ ଆପଣଙ୍କ ସହିତ ପ୍ରାର୍ଥନା କରିପାରୁ, ଆପଣଙ୍କୁ ଅଭିଷେକ କରିପାରୁ, ଯାହାକିଛି ବି ଆମେ କରିପାରୁ । ଆପଣଙ୍କୁ ସ୍ୱାଗତ ଅଛି ।

...କ୍ଲାନ୍ତ, ଘରକୁ ଆସ;
ଆନ୍ତରିକତାର ସହିତ, କୋମଳ ଭାବରେ, ଯୀଶୁ ଡାକନ୍ତି,
ଡାକନ୍ତି, ହେ ପାପୀ, ଘରକୁ ଆସ!

133 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି କି? ଟେଡି, କଅଣ ଆପଣ ଆମକୁ ବାଦ୍ୟ ଯନ୍ତ୍ରରେ ଏକ କୋର୍ଡ ଦେଇ ପାରିବେ କି, "ମୁଁ ତାହାଙ୍କୁ ପ୍ରେମ କରେ ପାଏ, ମୁଁ ତାହାଙ୍କୁ ପ୍ରେମ କରେ

କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ ।" କଅଣ ଆପଣ ତାହା ବୁଝିପାରୁଛନ୍ତି କି?

134 ଆସନ୍ତୁ ତାହାଙ୍କ ମହିମାରେ ଗୀତ ଗାଇବା, ଏହା ପୂର୍ବେକି ଆମେମାନେ ଅଳ୍ପ କ୍ଷଣ, ସେବାର କ୍ରମକୁ ପରିବର୍ତ୍ତନ କରୁ । ଏହା ଉପାସନା ଅଟେ । ବାର୍ତ୍ତା ଦିଆ ଯାଇସାରିଛି । ମୁଁ ଖୁସି ଯେ ଆପଣ ଏହାକୁ ଗ୍ରହଣ କଲେ । ପ୍ରାର୍ଥନା କରନ୍ତୁ ଯେ ଏହା ଆପଣଙ୍କର ମଙ୍ଗଳ କରିବ, କାରଣ ଏହା ମୋତେ କହିବା ପାଇଁ ମଙ୍ଗଳ କରିଥିଲା । ମୁଁ ପ୍ରାର୍ଥନା କରୁଛି ଯେ ସେହି ସମାନ ପ୍ରେରଣା ଯାହାକି ମୋତେ ଆପଣଙ୍କୁ କହିବା ପାଇଁ, ଦିଆଯାଇଥିଲା, ଠିକ ସେହି ସମାନ ପ୍ରେରଣାରେ ଆପଣ ଏହାକୁ ଗ୍ରହଣ କରନ୍ତୁ ଯେଉଁଥିରେକି ଏହା ପଠା ଯାଇଥିଲା । ପ୍ରଭୁ ଏହାକୁ ଆପଣଙ୍କ ହୃଦୟରେ ଆଶୀର୍ବାଦ କରନ୍ତୁ । ଠିକ୍ ଅଛି ।

ମୁଁ ତାହାଙ୍କୁ ପ୍ରେମ କରେ,

ବର୍ତ୍ତମାନ ଆମେମାନେ ଗୀତ ଗାଉଥିବା ବେଳେ, ନିଜର ଆଖିଗୁଡିକୁ କେବଳ ବନ୍ଦ କରିବା । ଆମର ହାତଗୁଡିକୁ ଉପରକୁ ଉଠାଇବା ।

...ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

135 ତେବେ ଆସନ୍ତୁ କେବଳ ନିଜର ମସ୍ତକଗୁଡିକୁ ନତ କରିବା, ଏହାକୁ ଗୁଣୁ ଗୁଣୁ କରି ଗାଇବା । କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? କଅଣ ସେ ଆପଣଙ୍କ ହୃଦୟ ପ୍ରତି ବାସ୍ତବ ନୁହଁନ୍ତି କି? କଅଣ ତାହାଙ୍କ ବିଷୟରେ ଏପରି କିଛି ନାହିଁ, ଯାହାକି ଏତେ ଅଧିକ ବାସ୍ତବ ଅଟେ? ମୁଁ ତାହାଙ୍କୁ ପ୍ରେମ କରେ କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ, କାଲବରୀରୁ ଜୀବନ ରେଖାକୁ ପ୍ରଦାନ କଲେ, ଏହାକୁ ମୋ ହୃଦୟରେ ବାନ୍ଧି ଦେଲେ ।

136 ଭୁଲିବେ ନାହିଁ, ଭାଇ ଡ୍ରମମଣ୍ଡ ଆଜି ରାତିରେ, ପ୍ରଭୁଭୋଜ ରାତିରେ, ଆମ ପାଇଁ ପ୍ରଚାର କରିବାକୁ ଯାଉଛନ୍ତି । ଯଦି ଆପଣ ପ୍ରଭୁଙ୍କୁ ପ୍ରେମ କରନ୍ତି, ତାହାହେଲେ ତଳକୁ ଆସନ୍ତୁ ଏବଂ ଆମ ସହିତ ପ୍ରଭୁଭୋଜ ଗ୍ରହଣ କରନ୍ତୁ । ପ୍ରଭୁ ଇଚ୍ଛା କଲେ, ମୁଁ ଆପଣଙ୍କ ସହିତ ଏଠାରେ ରହିବି । ତାହା ଭାଇ ଟନି ଜାବେଲଙ୍କ ଜ୍ୱାଇଁ; ଆଫ୍ରିକାରୁ ଭାଇ ଥୋମ୍; ତାଙ୍କର ପୁତ୍ର, ଉତ୍ତମ ବାଳକ; ପ୍ରକୃତରେ ଭଲ, ଦୃଢ଼ ଖ୍ରୀଷ୍ଟିଆନ, ଉତ୍ତମ ଛୋଟ ପ୍ରଚାରକ ଜଣେ ।

କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

137 ଯେତେବେଳେ ଆମେମାନେ ନିଜର ମସ୍ତକ ନତ କରିଅଛୁ, ଯେତେବେଳେ ପିଆନୋ ବାଜିବା ଜାରି ରହିବ ।

138 ପ୍ରଭୁ ଯୀଶୁ, ଆମେ ଅନ୍ୟ ସେବାରେ ପ୍ରବେଶ କରିବାକୁ ଯାଉଅଛୁ, ପ୍ରଭୁ। ଆମେ ପବିତ୍ରଆତ୍ମା ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ ଯିଏକି ଆମ ହୃଦୟ ସହିତ କଥା କହିଲେ। ଏବଂ ପ୍ରଭୁ, ଆମେମାନେ ଖୁସି, ଯେ ତୁମେ ଆମ ପାଇଁ ଏହା କଲ। ଏବଂ ଏହା ହେଉ ଯେ ତୁମର ବାକ୍ୟ ତୁମ ପାଖକୁ ନିଷ୍ଫଳ ହୋଇ ଫେରି ନ ଯାଉ, ମାତ୍ର ଏହା ତାହା ପୂରଣ କରୁ ଯାହା କରିବା ପାଇଁ ଏହାର ଉଦ୍ଦେଶ୍ୟ ରହିଥିଲା। ଏହା ହେଉ ଯେ ତାହା ଆମ ସମସ୍ତଙ୍କ ହୃଦୟରେ ରହୁ, ଏହା ଜାଣିବା ନିମନ୍ତେ ଯେ ସମସ୍ତ ପ୍ରକୃତ ଜିନିଷ ଏବଂ ସ୍ଥାୟୀ ବିଷୟ ପରମେଶ୍ୱରଙ୍କଠାରୁ ଆସିଥାଏ, ବିନା ଅର୍ଥରେ, ବିନା ମୂଲ୍ୟରେ। ତାହାହେଲେ ଆମେମାନେ କାହିଁକି ସେହି ବିଷୟଗୁଡିକ ପାଇଁ ଏତେ ସଂଘର୍ଷ କରିଥାଉ, ଏବଂ ଏହାକୁ ଏପରି ଜୀବନ-ଓ-ମୃତ୍ୟୁର ବିଷୟ କରି ଦେଇଥାଉ, ଯେଉଁ ବିଷୟକି ନଷ୍ଟ ହୋଇଯିବ? ପ୍ରଭୁ, ଆସୁ ଆମେମାନେ ସେହିପରି ବିଷୟଗୁଡିକ ପାଇଁ ଅଧିକ ସଂଘର୍ଷ କରୁ, ଯେଉଁସବୁ ବିଷୟ ବିନାଶ ହେବ ନାହିଁ, ଯାହାର କୌଣସି ମୂଲ୍ୟ ନାହିଁ। ସେହି ମୂଲ୍ୟ ତ ଉନ୍ମୁକ୍ତ ଭାବରେ ପ୍ରଦାନ କରାଯାଇଛି, ଏବଂ ଏକ ଆମନ୍ତ୍ରଣ ସ୍ୱାଗତ କରାଯାଇଛି, "ଯିଏ କେହି ଇଚ୍ଛା କରେ, ସେ ଆସୁ।"

139 ଏହି ସେବାର ପରବର୍ତ୍ତୀ ଅଂଶକୁ ଆଶୀର୍ବାଦ କର। ହେ ପ୍ରଭୁ, ଏହାକୁ ପ୍ରଦାନ କର। ଏବଂ ଆଜି ରାତିରେ ଆମ ସହିତ ସାକ୍ଷାତ କର। ବାପ୍ତିସ୍ମ ସେବାକୁ ଆଶୀର୍ବାଦ କର। ଏପରି ହେଉ ଯେ ସେଠାରେ ଏକ ବଡ଼ ଢାଳିବା ବିଷୟ ହେଉ। ଏହି ଲୋକମାନେ, ଯେଉଁମାନେକି ତୁମର ପ୍ରିୟ ପୁତ୍ର, ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେବେ, ସେମାନେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତୁ। ଏହି ଲୋକମାନେ, ଯେଉଁମାନେକି ଆଜି ସକାଳେ, ସେମାନଙ୍କର ପାପରୁ, ଅନୁତାପ କରିବା ନିମନ୍ତେ, ସେମାନଙ୍କର ହାତକୁ ଉଠାଇଥିଲେ, ଏପରି ହେଉ ଯେ ସେମାନେ ଆସନ୍ତୁ, ବାପ୍ତିସ୍ମର ପୋଷାକ ପରିଧାନ କରନ୍ତୁ, ଏବଂ ଜଳକୁଣ୍ଡକୁ ପ୍ରବେଶ କରନ୍ତୁ, ଏବଂ ଜଗତକୁ ଏହା ପ୍ରମାଣ କରିବା ନିମନ୍ତେ ଯେ ସେମାନଙ୍କର ପାପରୁ ସେମାନେ କ୍ଷମା କରାଯାଇଛନ୍ତି। ଏବଂ ସେମାନେ ବାପ୍ତିଜିତ ହେଉଛନ୍ତି, ଯେପରିକି ସେମାନଙ୍କୁ ପୁସ୍ତକରୁ ମୁକ୍ତ କରାଯାଏ। ହେ ପ୍ରଭୁ, ଏହାକୁ ପ୍ରଦାନ କର।

140 ଆଜି ରାତିରେ ଭାଇ ଡ୍ରମମଣ୍ଡଙ୍କ ସହିତ ରୁହ, ଯେତେବେଳେକି ସେ ଆମ ପାଇଁ, ସିଂହାସନରୁ ସତେଜ ବାର୍ତ୍ତାକୁ ଆଣୁଥାନ୍ତି। ତାଙ୍କୁ ପବିତ୍ରଆତ୍ମାରେ ଅଭିଷେକ କର। ଏବଂ ଆମେ ପ୍ରଭୁଭୋଜ ନେବାବେଳେ ଆମ ସହିତରେ ରୁହ। ଆମର ହୃଦୟ ନିର୍ମଳ ଏବଂ ଶୁଦ୍ଧ ରହୁ, ଆମ ଭିତରେ କୌଣସି ଅପବିତ୍ରତା ନ ରହୁ। ଯୀଶୁଙ୍କ ରକ୍ତ ଆମକୁ ସମସ୍ତ ପାପରୁ ପରିଷ୍କାର କରୁ। ହେ ପ୍ରଭୁ, ଏହାକୁ ପ୍ରଦାନ କର। ଆମ ଭିତରୁ ଅସୁସ୍ଥତାକୁ ଦୂରେଇ ରଖ, ଏବଂ ଆମକୁ ଆନନ୍ଦ ଏବଂ ଶାନ୍ତି ପ୍ରଦାନ କର। ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ ଆମେ ଏହାକୁ ମାଗୁଅଛୁ। ଆମେନ୍।

ମୁଁ ପ୍ରେମ କରେ...

141 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? ତେବେ ତାହାଙ୍କ ନିକଟରେ ନିଜର ହାତକୁ

ଉଠାନ୍ତୁ ।

ମୁଁ ତାହାଙ୍କୁ ପ୍ରେମ କରେ
କାରଣ...

ତେବେ ଆଗକୁ ଯାଇ ଆପଣଙ୍କ ପାଖରେ ଥିବା କାହାରି ସହିତ ହାତ ମିଶାନ୍ତୁ ।

...ପ୍ରଥମେ...(ରସେଲ, ମୁଁ ତାହାଙ୍କୁ ପ୍ରେମ କରେ । ଯଦି ମୁଁ ଆଜି ମରିଯାଏ, ମୁଁ ତାହାଙ୍କୁ ପ୍ରେମ କରେ ।)

ଏବଂ କ୍ରୟ କରିନେଲେ...

ତାହା ଠିକ୍, ନିଜର ଠିକ ଆଖପାଖରେ ଯାଆନ୍ତୁ ଏବଂ ହାତ ମିଶାନ୍ତୁ ।

...ପରିତ୍ରାଣ
କାଲବରୀର ଉପରେ...

ଠିକ୍ ଅଛି, ଭାଇ ନେଭିଲ୍, ତାଙ୍କ କଥା ସହିତ । ଠିକ୍ ଅଛି ।

## ***ବିନା ଅର୍ଥ ଓ ବିନା ମୂଲ୍ୟରେ*** ORI59-0802

(Without Money Or Without Price)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅଗଷ୍ଟ 2, ୧୯୫୯, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.


For more information or for other available material, please contact:


VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org